## ସନ୍ଦେହ ଘେରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

# ତାମିଲନାଡୁରେ ପହଞ୍ଚିବାର ଦିନକ ପରେ ଝୁଲନ୍ତା ମୃତଦେହ ଉଦ୍ଧାର

**ବଲାଙ୍ଗିର, ୧୪।୬(ସମିସ)**

ପରିବାରର ପେଟ ପୋଷିବା ପାଇଁ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ ବଲାଙ୍ଗିର ପୁଇଁନ୍ତଲା ବ୍ଲକ ସିଲେଟପଡ଼ା ଗାଁର ଭାଗବତ ରଣା। ଟ୍ରେନରେ ତାମିଲନାଡୁ ଯାଇ ପହଞ୍ଚିବାର ଦିନକ ପରେ ଘରେ ପହଞ୍ଚିଲା ତାଙ୍କ ମୃତ୍ୟୁ ଖବର। ଦୁଇଦିନ ପୂର୍ବରୁ ସ୍ତ୍ରୀ ସହ କଥା ହୋଇ ଯାଇଥିବା ଭାଗବତ ରଣାଙ୍କ ମଲା ମୁହଁ ବି ଦେଖିପାରିଲେନି ଜ୍ୟୋତ୍ସ୍ନା ରଣା। ତେବେ କାମ କରିବାକୁ ଯାଇଥିବା ଭାଗବତଙ୍କ ମୃତ୍ୟୁ ହେଲା କେମିତି? ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିବା ତାମିଲନାଡୁ ପୁଲିସ କହୁଥିବା ବେଳେ ପରିବାର ଲୋକେ କିନ୍ତୁ ସନ୍ଦେହ କରୁଛନ୍ତି ତାଙ୍କୁ ମାରି ଦିଆଯାଇଛି। ଏହାର ତଦନ୍ତ କରିବାକୁ ରବିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକେ।

ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ସିଲେଟପଡ଼ା ଗାଁର ଭାଗବତ କିଛି ବନ୍ଧୁଙ୍କ ସହ ମିଶି ତାମିଲନାଡୁକୁ କାମ କରିବାକୁ ବାହାରିଥିଲେ। ଗତ ୪ ତାରିଖରେ ବଲାଙ୍ଗିରରୁ ତାମିଲନାଡୁକୁ ଟ୍ରେନ୍‌ରେ ଯାଇ ପହଞ୍ଚିଥିଲେ। ୬ ତାରିଖରେ ସେ ତାମିଲନାଡୁର କ୍ରିଷ୍ଣାଗ୍ରୀ ଜିଲ୍ଲା ଜୁଏଲପଟ୍ଟାର ଅସୁରଗ୍ରାମଠାରେ ଥିବା ଏକ କମ୍ପାନୀରେ କାମ କରିବାକୁ ପହଞ୍ଚିଥିଲେ। କିନ୍ତୁ ପହଞ୍ଚିବାର ଠିକ ଦିନକ ପରେ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ରଣାଙ୍କ ପାଖକୁ ଏକ ଫୋନ୍ ଆସିଥିବା ବେଳେ ସ୍ୱାମୀ ଭାଗବତ ରଣାଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଖବର ପାଇବା ପରେ ତାଙ୍କ ବଡ଼ଭାଇ ଭଗତ ରଣା, ଘାସିରାମ ରଣା, କ୍ଷେତ୍ର ରଣା ତାମିଲନାଡୁ ଯାଇ ଶବ ଚିହ୍ନଟ କରିଥିଲେ। ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଥିବା ନେଇ ତାଙ୍କୁ ଫଟୋ ଦିଆଯାଇଥିଲା। କିନ୍ତୁ ତାଙ୍କ ଶରୀରରେ କ୍ଷତ ଚିହ୍ନ ଥିବାବେଳେ ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଥିଲେ। କାମ କରିବାକୁ ଦିନକୁ ପୂର୍ବରୁ ସେଠାରେ ପହଞ୍ଚିଥିବା ଭାଗବତ ଏମିତି କ'ଣ ହେଲା ଯେ ଆତ୍ମହତ୍ୟା କଲେ ବୋଲି ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ସେ ସତରେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଟାଙ୍ଗି ଦେଇଛି ତାକୁ ନେଇ ପରିବାର ଲୋକ ସନ୍ଦେହ ପ୍ରକଟ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ସେଠାରେ ହିଁ ତାଙ୍କ ମୃତଦେହ ଦାହ କରାଯାଇଥିଲା। କିନ୍ତୁ ସେଠାକାର ପୁଲିସ ଏହି ଘଟଣାକୁ ଗୁରୁତ୍ୱ ଦେଉନଥିବା ବେଳେ ପରିବାର ଲୋକେ ବଲାଙ୍ଗିର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ଭାଗବତଙ୍କ ସ୍ତ୍ରୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ଓ ଭାଗବତ ରଣା ମୃତ୍ୟୁ ଘଟଣାର ଆବଶ୍ୟକ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ରବିବାର ଏସ୍‌ପି ଅଫିସକୁ ଆସି ଦାବି କରିଛନ୍ତି।



### ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ

### ଦେହରେ ରହିଛି କ୍ଷତଚିହ୍ନ, ହତ୍ୟା ସନ୍ଦେହ

# ମିଛ ଲୁଟ୍ କାହାଣୀ ରଚି ବ୍ୟାଙ୍କ ମ୍ୟାନେଜର ଗିରଫ

**ପାଟଣାଗଡ଼, ୧୪।୬(ସମିସ):** ବନ୍ଧୁକ ମୁନରେ ଟଙ୍କା ଲୁଟ୍‌ର ମିଛ କାହାଣୀ ରଚି ଗିରଫ ହୋଇଛନ୍ତି ପିପୁଲ ଫୋରମ ପାଟଣାଗଡ଼ ଶାଖାର ବ୍ୟାଙ୍କ ମ୍ୟାନେଜର। ଅଭିଯୁକ୍ତ ମ୍ୟାନେଜର ଜଣକ ହେଲେ ସିନାପାଲି ଥାନା କାଦୋବେଡା ଗାଁର ହୃଷୀକେଶ ଗୁଆଲ (୩୯)।

ଅଭିଯୋଗ ଅନୁସାରେ ଗତ ୧୨ ତାରିଖ ଦିନ ୨ ଟା ସମୟରେ ହୃଷୀକେଶ ୧ଲକ୍ଷ ୨୬ହଜାର ୮୯୦ ଟଙ୍କା ଡିପୋଜିଟ ପାଇଁ ବ୍ରାଞ୍ଚକୁ ଯାଉଥିଲେ। ବାଟରେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଉକ୍ତ ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗ ଆଣିଥିଲେ। ଏନେଇ ବ୍ୟାଙ୍କର ୟୁନିଟ ମ୍ୟାନେଜର ସନ୍ତୋଷ ମହାରଣା ଶନିବାର ପାଟଣାଗଡ଼ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ହୃଷୀକେଶଙ୍କ ଉପରେ ସନ୍ଦେହ ହୋଇଥିଲା। ଜେରା ପରେ ସେ ପୁଲିସ ଆଗରେ ସତ ସ୍ୱୀକାର କରିଥିଲେ। ହୃଷୀକେଶଙ୍କଠାରୁ ପୁଲିସ ୧ଲକ୍ଷ ୨୬ହଜାର ୮୯୦ ଟଙ୍କା ଜବତ କରିବା ସହ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।



# ବିଶ୍ୱ ରକ୍ତଦାତା ଦିବସରେ ବିଭିନ୍ନ ଅନୁଷ୍ଠାନ ସମ୍ବର୍ଦ୍ଧିତ




**କଣ୍ଟାବାଞ୍ଜି, ୧୪।୬(ସମିସ):** ବିଶ୍ୱ ରକ୍ତଦାତା ଦିବସ ଅବସରରେ କଣ୍ଟାବାଞ୍ଜି ସ୍ଥିତ ଓଡ଼ିଶା ରକ୍ତ କେନ୍ଦ୍ର ପକ୍ଷରୁ ଏକ ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ତଥା ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ଲକ୍ଷଣ ବାଗ୍ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଜ୍ୟୋତି ପ୍ରକାଶ ରାମ, ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଏମ୍ ଶ୍ରଦ୍ଧାଞ୍ଜଳି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ରକ୍ତ କେନ୍ଦ୍ର ପରିଚାଳନା କମିଟି ସଦସ୍ୟ ପୁଷ୍ପକେତୁ ବେହେରା ପରିଚାଳନା କରିଥିଲେ। ପ୍ରତିବର୍ଷ ଜୁନ୍ ୧୪କୁ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଇ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଅବଦାନକୁ ସମ୍ମାନ ଜଣାଯାଇଥିଲା। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ନିୟମିତ ରକ୍ତଦାତାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଡ଼ିଶା ରକ୍ତ କେନ୍ଦ୍ର ପକ୍ଷରୁ ସମସ୍ତ ରକ୍ତଦାତା ଓ ସହଯୋଗୀ ଅନୁଷ୍ଠାନଙ୍କୁ କୃତଜ୍ଞତା ଜଣାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ରକ୍ତ କେନ୍ଦ୍ରର ଶିବ କୁମାର ସାହୁ, କୁନାଲ ଦାସ, ସୁନିତା ଭୋଇ, ବିଶ୍ୱଜିତ ଦେବତା, ଗଜପତି ବେହେରା, ଦୁର୍ଗା ତାଣ୍ଡି, ପ୍ରଶାନ୍ତ ସାହୁ, ଗୁରୁବାରୁ ରଣା ସହ ମେଡ଼ିକାଲର ସମସ୍ତ ଡାକ୍ତର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନ୍ୟପଟେ ଆଜି ଏହି ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ମାରୱାଡ଼ି ଯୁବାମଞ୍ଚ ବିକାଶ ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ବିଧାୟକ ଶ୍ରୀବାଗ ଏହି ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# କଚେରୀ ଛକରେ ଟ୍ରାଫିକ ଷ୍ଟାଣ୍ଡିଂ ସେଡ୍ ଉଦ୍‌ଘାଟିତ



**ବଲାଙ୍ଗିର, ୧୪।୬(ସମିସ):** ବଲାଙ୍ଗିର ସହରର କଚେରୀ ଛକ ଟ୍ରାଫିକ ସିଗନାଲ ନିକଟରେ ନିର୍ମିତ ଟ୍ରାଫିକ ଷ୍ଟାଣ୍ଡିଂ ସେଡ୍‌ର ଉଦ୍‌ଘାଟନ କରିଛନ୍ତି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ। ଭୁବନେଶ୍ୱର ପରେ ବଲାଙ୍ଗିରରେ ଏହି ସୁବିଧା ବିଧାୟକଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଛି। ଏହା ସହରବାସୀଙ୍କୁ ବର୍ଷା ଓ ଖରା ସମୟରେ ଟ୍ରାଫିକ ସିଗ୍‌ନାଲରେ ଅପେକ୍ଷାରତ ଲୋକମାନଙ୍କୁ ଆଶ୍ରୟ ପ୍ରଦାନ କରିବ। ବିଧାୟକ ଶ୍ରୀ ସିଂହଦେଓ କହିଥିଲେ ଯେ, ଏହା କେବଳ ଆରମ୍ଭ ମାତ୍ର ଏବଂ ଆଗାମୀ ଦିନରେ ବଲାଙ୍ଗିର ସହରର ସମସ୍ତ ଟ୍ରାଫିକ ସିଗନାଲ ନିକଟରେ ଏଭଳି ଷ୍ଟାଣ୍ଡିଂ ସେଡ୍ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ବିଧାୟକ ପାଣ୍ଠିରୁ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଜଣାପଡ଼ିଛି। ଉଦଘାଟନ ଉତ୍ସବରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଏବଂ ପୌରପରିଷଦର ସମସ୍ତ କାଉନସିଲର ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଥର୍ ଗାଡ଼ିରେ ଗଞ୍ଜେଇ ଚାଲାଣ; ୨ ଗିରଫ

**ବଲାଙ୍ଗିର, ୧୪।୬(ସମିସ):** ଦାମୀ ଥର୍ ଗାଡ଼ିରେ ଗଞ୍ଜେଇ ନେଇ ଯାଉଥିଲେ ଦୁଇ ଯୁବକ। କନ୍ଧମାଳରୁ ମୁମ୍ବାଇକୁ ବଲାଙ୍ଗିର ଦେଇ ଚାଲାଣ ବେଳେ ମାଡ଼ି ବସିଲା ଅବକାରୀ ବିଭାଗ। ଅବକାରୀ ଟିମ୍‌କୁ ଦେଖି ଅଭିଯୁକ୍ତମାନେ ଦ୍ରୁତ ଗତିରେ ଫେରାର ଉଦ୍ୟମ ବେଳେ ଅବକାରୀ ବିଭାଗ ଗାଡ଼ିକୁ ଧରିଥିଲା। ଯାଞ୍ଚବେଳେ ସେଥିରୁ ୩ କ୍ୱିଣ୍ଟାଲ ୭୦ କେଜି ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଜବତ କରି ଅବକାରୀ ବିଭାଗ ଝାଡ଼ଖଣ୍ଡର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ସିଂହଭୂମ ଜିଲ୍ଲାର ସଲ୍‌ମାନ ଆଲମ ଓ ମହମ୍ମଦ ଅସିଫ୍।

ବଲାଙ୍ଗିର ଦେଇ ବିଭିନ୍ନ ସମୟରେ ବୌଦ୍ଧ, କନ୍ଧମାଳରୁ ଗଞ୍ଜେଇ ଚାଲାଣ ହୋଇଥାଏ। କନ୍ଧମାଳରୁ ବଲାଙ୍ଗିର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ବଲାଙ୍ଗିର ଅବକାରୀ ବିଭାଗ ଖବର ପାଇଥିଲା। ଅବକାରୀ ଅଧିକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ନିର୍ଦ୍ଦେଶ କ୍ରମେ ଭୋର ୪ ଟାରେ ସଦର ଅବକାରୀ ଇନ୍ସପେକ୍ଟର ଜୟଦେବ ପଧାନ ଓ ମୋବାଇଲ ଇନ୍ସପେକ୍ଟର ସୁଶାନ୍ତ ପଧାନଙ୍କ ନେତୃତ୍ୱରେ ଅବକାରୀ ଟିମ୍ ତୁଷୁରା ରାସ୍ତା ଭାଲେର ଛକ ନିକଟରେ ଜଗି ରହିଥିଲା। ଏକ ଥର୍ ଗାଡି (ନଂ. ଜେଏଚ୍‌୦୫ଇଏ-୦୦୨୮) ଦ୍ରୁତ ଗତିରେ ଯାଉଥିବାରୁ ସନ୍ଦେହରେ ଅବକାରୀ ଟିମ୍ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅବକାରୀ ଟିମ୍‌କୁ ଦେଖି ଉକ୍ତ ଗାଡ଼ି ୟୁ ଟର୍ଣ୍ଣ ମାରି ଖସି ଯିବାକୁ ଉଦ୍ୟମ କରୁଥିବାବେଳେ ଅବକାରୀ ଟିମ୍ ଅଟକାଇବାରେ ସଫଳ ହୋଇଥିଲା। ଯାଞ୍ଚ ପରେ ଉକ୍ତ ଗାଡ଼ିରୁ ବହୁ ପରିମାଣର ଗଞ୍ଜେଇ ମିଳିଥିଲା। ଓଜନ କରିବା ପରେ ୩ କ୍ୱିଣ୍ଟାଲ ୭୦ କେଜି ହୋଇଥିଲା। ଉକ୍ତ ଗଞ୍ଜେଇକୁ ଅବକାରୀ ବିଭାଗ ଜବତ କରିବା ସହ ଦାମୀ ଥର୍ ଗାଡ଼ିକୁ ମଧ୍ୟ ଜବତ କରିଥିଲା। ଚାଲାଣ କରୁଥିବା ଦୁଇ ସଲ୍‌ମାନ ଆଲମ ଓ ମହମ୍ମଦ ଅସିଫ୍‌କୁ ଅବକାରୀ ବିଭାଗ ଗିରଫ କରିଛି। ଜେରାବେଳେ ସେମାନେ ଏହାକୁ ମୁମ୍ବାଇ ନେଇଥାନ୍ତେ ବୋଲି କହିଥିଲେ।

### କନ୍ଧମାଳରୁ ମୁମ୍ବାଇ ହେଉଥିଲା ଚାଲାଣ

### ୩.୭୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ଝାଡ଼ଖଣ୍ଡର ୨ ଗିରଫ



## ଭବାନୀପାଟଣାରେ ଲେଖକ ଦେଖା

# ତାମ୍ର ସଳଖ ପୋଥି ଦେଖି ଛାତ୍ରଛାତ୍ରୀ ବିହ୍ୱଳିତ



**କଣ୍ଟାବାଞ୍ଜି, ୧୪।୬(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେ.ଭି. ?ଗ୍ରୀ ମହାବିଦ୍ୟାଳୟ ର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ସାହିତ୍ୟ କ୍ଷତି ଭବାନୀପାଟଣାରେ ଏକ ଲେଖକ ଦେଖା ଆୟୋଜିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଡ଼. ସଞ୍ଜୟ କୁମାର ମିଶ୍ର ଙ୍କ ନେତୃତ୍ୱ ରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଲେଖକ ଲେଖିକା ଙ୍କୁ ସାକ୍ଷାତ କରିଥିଲେ। ଏହି କ୍ରମରେ ବିଶିଷ୍ଟ ଗାଳ୍ପିକା ଦେବହୁତି କରଙ୍କୁ ସାକ୍ଷାତ କରି ତାଙ୍କ ଗଳ୍ପ ଉପରେ ଛାତ୍ରୀ ନମିତା ବେହେରା ପ୍ରସ୍ତୁତ କରିଥିବା ଗବେଷଣା ପ୍ରକଳ୍ପ ଶ୍ରୀମତୀ କରଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଛାତ୍ରୀ ସଙ୍ଗୀତା ସାହୁ ପ୍ରସ୍ତୁତ କରିଥିବା ପ୍ରକଳ୍ପ ଗାଳ୍ପିକା ସୁକାନ୍ତ ସାହୁ ଙ୍କୁ ଏବଂ କମଳା କାନ୍ତ ସାହୁ ପ୍ରସ୍ତୁତ କରିଥିବା ପ୍ରକଳ୍ପ ନାଟ୍ୟକାର ପରମେଶ୍ୱର ମୁଣ୍ଡ ଙ୍କୁ ପ୍ରଦାନ କରାଯାଇ ଥିଲା। ଛାତ୍ର ଛାତ୍ରୀ ମାନେ ବିଶିଷ୍ଟ ସାହିତ୍ୟିକ ଉମା ଶଙ୍କର କର, ଡ ଦାଶରଥି ଆଚାର୍ଯ୍ୟଙ୍କୁ ମଧ୍ୟ ସାକ୍ଷାତ ଜାରି ସଭିଙ୍କ ସହ ମନଖୋଲା ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ମାନେ ବିଶିଷ୍ଟ ଶିକ୍ଷାବିତ ଦଶରଥୀ ଆଚାର୍ଯ୍ୟ ଙ୍କ ସହିତ ଭାବା ଲାପ କରିଥିଲେ ତାଙ୍କ ଠୁ ତାମ୍ର ସଳଖ ଓ ପୋଥି ପଠନ ପ୍ରଣାଳୀ ଅଧ୍ୟୟନ କରିଥିଲେ। ଏଥିରେ ନମିତା ବେହେରା, ସଙ୍ଗୀତା ସାହୁ, କମଳାକାନ୍ତ ସାହୁ, ମୋତିଲାଲ ମାଝୀ, ଆନନ୍ଦିନୀ ମାଝୀ, ଫଙ୍କସୂତା ଧରୁଆ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଲେଖକ ମାନଙ୍କୁ ଭେଟ କରାଇବା ଏବଂ ଲେଖକ ମାନଙ୍କ ସହିତ କଥବାର୍ତ୍ତା ଓ ଆଲୋଚନା କରିବାର ସୁଯୋଗ ସୃଷ୍ଟି କରାଇବା, ଲେଖକ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ମାନ ଦେବା ସହ ତାଙ୍କ ପୁସ୍ତକ ପଠନ କରିବାର ଓ ଆଲୋଚନା କରିବା ଲେଖକ ଦେଖାର ଉଦେଶ୍ୟ ବୋଲି ବିଭାଗୀୟ ମୁଖ୍ୟ ଡ଼. ସଞ୍ଜୟ କୁମାର ମିଶ୍ର ସାର ମତ ପ୍ରକାଶ କରିଛନ୍ତି।

# ଲୋଇସିଂହା ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

## ୧୦୨ ୟୁନିଟ୍ ରକ୍ତ ସଂଗୃହୀତ

**ଲୋଇସିଂହା, ୧୪।୬(ସମିସ):** ଲୋଇସିଂହା ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମାରୱାଡ଼ି ଯୁବା ମଞ୍ଚର ସଭାପତି ଅଭିଷେକ ଅଗ୍ରୱାଲଙ୍କ ନେତୃତ୍ୱ ଏବଂ ସମ୍ପାଦକ ବିକାଶ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଶିବିରଟି ସଅନୁଷ୍ଠିତ ହୋଇଥିବାବେଳେ ମଣ୍ଡଳ-୬ର ସହାୟକ ମନ୍ତ୍ରୀ ସୌରଭ ଅଗ୍ରୱାଲ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରକୁ ସଫଳ କରିବାରେ ଡା. ସୁଦାମ ଅଗ୍ରୱାଲ, ମୋହନ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ଓମ ପ୍ରକାଶ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ସାହିଲ ଅଗ୍ରୱାଲ ଓ ସୁମିତ ଅଗ୍ରୱାଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




# ଶିଶୁ ସ୍ୱାସ୍ଥ୍ୟମେଳା ଓ ରଜ ଉତ୍ସବ

**ବଲାଙ୍ଗିର, ୧୪।୬(ସମିସ):** ୱାଇସିଡିଏ ଦ୍ୱାରା ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକର ଆଟଗାଁ ଗ୍ରାମରେ ଶିଶୁ ସ୍ୱାସ୍ଥ୍ୟ ମେଳା ଏବଂ ରଜ ଉତ୍ସବ କେ.ପି.ଜେଡ୍ ଏବଂ ଦେଶାଇ ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ୱାଇସିଡିଏର ଜିଲ୍ଲା ସଂଯୋଜିକା ଆନନ୍ଦିନୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଟଗାଁ ସରପଞ୍ଚ ସାଲିନି ସେଠ୍, ଡ. ମିଲନ କୁମାର ରାଉତରାୟ ଏବଂ ସାମ୍ବାଦିକ ସନ୍ଦୀପ କୁଅଁର ଯୋଗ ଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ରେ ଡା. ମିଲନ କୁମାର ରାଉତରାୟ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ଶିଶୁଙ୍କର ଏନିଆ ଟେଷ୍ଟିଂ କରାଯାଇଥିଲା। ଏହା ସହିତ ଏମ୍‌ଏଚ୍‌ଏମ୍ ଉପରେ ମଧ୍ୟ ସଚେତନ କରାଯାଇଥିଲା। ରଜ ଉପଲକ୍ଷେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଯେଉଁଥିରେ ଶିଶୁମାନେ ମେହେନ୍ଦି, ଅଳତା, ନୃତ୍ୟ, ରାମ୍ପୱାକ, ପୁଚି ଖେଳ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହା ସହିତ ରଜ କୁଇଜ ବଛାଯାଇଥିଲା। କାର୍ଯ୍ୟକ୍ରମଟି ଆଟଗାଁ ସରପଞ୍ଚ ଏବଂ ଗ୍ରାମବାସୀ, ଆଟଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ସମସ୍ତ ଶିଶୁ ଏବଂ ଯୁବକ ଯୁବତୀ, ଅଭିଭାବକ ଏବଂ ୱାଇସିଡିଏର ସମସ୍ତ ଷ୍ଟାଫ୍‌ଙ୍କ ମିଳିତ ଉଦ୍ୟମରେ ସଫଳ ହୋଇଛି।




# ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା; ବାଞ୍ଜିପାଲି ଚାମ୍ପିଅନ୍

**ଦେଓଗାଁ, ୧୪।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉଡ଼ାର ଖେଳପଡ଼ିଆରେ ସ୍ଥାନୀୟ କ୍ରିକେଟକ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଫ୍ଲଡଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଡାର ଓ ବାଞ୍ଜିପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଞ୍ଜିପାଲି ଦଳ ଚାମ୍ପିଅନ୍ ହୋଇଛି। ବିଘ୍ନରାଜ ପଧାନ ଓ ଦିନେଶ ପଧାନ ଖେଳ ପରିଚାଳନା କରିଥିବା ବେଳେ ବାବୁଲୁ ପଧାନ ଓ ଶଙ୍କର୍ଷଣ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଆନନ୍ଦ ବିଶ୍ୱାଳ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଉଡାର ସମେତ ଶିରାବାହାଲ, ବର୍ଲା, ଘୁଟିପାଲି, ବହଲି, ବାଞ୍ଜିପାଲି, ବିଜାଖମନ ଓ ପାଇକସମରା ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ରାହ୍ମଣୀଯୋର ଉନ୍ନୀତ ହାଇସ୍କୁଲର ସହକାରୀ ଶିକ୍ଷକ ପ୍ରଦୀପ କୁମାର ଛତ୍ରିଆ, ସମ୍ମାନୀତ ଅତିଥିଭାବେ ରମେଶ ସାହୁ, ପ୍ରସନ୍ନ ବିଶ୍ୱାଳ, ସନାତନ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପଙ୍କଜ ପଧାନ, ବୁଲୁ ପଧାନ, ଧରଣୀ ପ୍ରଧାନ, ରୂପେଶ ସାହୁ, ଅଶ୍ୱିନୀ ପ୍ରଧାନ, ବବୁଲୁ ପ୍ରଧାନ ତଥା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।



# ଜମି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ; ଶୁଣୁନି ପୁଲିସ

**ବଲାଙ୍ଗିର, ୧୪।୬(ସମିସ)**

ବଲାଙ୍ଗିର ଜିଲ୍ଲାରେ ସ୍ଥାନୀୟ ପୁଲିସ ଉପରୁ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ବିଭିନ୍ନ ମାମଲାରେ ନ୍ୟାୟ ନ ପାଇ ପୀଡ଼ିତମାନେ ଏସ୍‌ପି କାର୍ଯ୍ୟାଳୟର ଦ୍ୱାରସ୍ଥ ହେଉଛନ୍ତି।

### ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତ

ରବିବାର ଜମି ମାମଲାକୁ ନେଇ ଆକ୍ରମଣର ଶୀକାର ହୋଇଥିବା ଏକ ପରିବାର ସ୍ଥାନୀୟ ଥାନାରୁ ନ୍ୟାୟ ନପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜମି ବିବାଦକୁ ନେଇ ଗତ ୧୨ ତାରିଖରେ ସମ୍ପର୍କୀୟମାନେ ଆକ୍ରମଣ କରିଥିବା ବେଳେ ସିନ୍ଦେଧକେଲା ଥାନାରେ ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ସିନ୍ଦେଧକେଲା ଥାନା ଗଉଡୁଲା ଗାଁର ଅଶୋକ ସାହୁଙ୍କ ଅଜାଙ୍କ ନାମରେ କିଛି ପରିମାଣର ଜମି ରହିଛି। ଯାହାକି ଆଜି ପର୍ଯ୍ୟନ୍ତ ଭାଗ ହୋଇନାହିଁ। କିଛିବର୍ଷ ପୂର୍ବରୁ ତାଙ୍କ ଆଈ ୮୫ ଡେସିମିଲ ଜମି ଅନ୍ୟ ଜଣଙ୍କୁ ବିକ୍ରି କରିଥିଲେ। ଉକ୍ତ ଜମି କିଣିଥିବା ମାଲିକ ଗତ ୧୨ ତାରିଖରେ ଡିମାର୍କେସନ କରାଇଥିଲେ। ସେହି ଜମିରୁ ପ୍ରାୟ ୭ ଡେସିମିଲ ଅଧିକ ଜମି ବାହାରିଥିଲା। ଉକ୍ତ ଜମିଟି ଅଶୋକ ସାହୁଙ୍କ ଭାଗରେ ଥିବା ଜମି ପଟକୁ ବାହାରିଥିଲା। ଯାହାକୁ ନେଇ ଅଶୋକ ଓ ପଟ୍ଟାର ଅନ୍ୟ ସତ୍ତ୍ୱାଧିକାରୀମାନଙ୍କ ସହ ଗଣ୍ଡଗୋଳ ହୋଇଥିଲା। ତାଙ୍କ ପରିବାରର ଅନ୍ୟ ସଦସ୍ୟ ଘଟଣାକୁ ନେଇ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ତାଙ୍କ ଝିଅମାନଙ୍କୁ ଗାଳିଗୁଲଜ କରିଥିଲେ। ଅଶୋକଙ୍କୁ ପରିବାର ଲୋକେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଟିଟିଲାଗଡ଼ ଡାକ୍ତରଖାନା ନେଇଥିଲେ। ଡାକ୍ତରଖାନାରୁ ଫେରି ସେ ସିନ୍ଦେଧକେଲା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ଏହି ମାମଲାକୁ ଗୁରୁତ୍ୱ ଦେଉନଥିବା ବେଳେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କୌଣସି ସୂଚନା ଦିଆଯାଉନଥିବା ଅଶୋକ ଅଭିଯୋଗ କରିଛନ୍ତି। ରବିବାର ଅଶୋକ ତାଙ୍କ ସ୍ତ୍ରୀ ଓ ଝିଅକୁ ଧରି ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତାଙ୍କୁ ଆକ୍ରମଣ କରିଥିବା ସମ୍ପର୍କୀୟଙ୍କୁ ଶୀଘ୍ର ଗିରଫ କରିବାକୁ ସେ ଦାବି କରିଛନ୍ତି।



## ବଣାଇଁରେ ଧୁମ୍‌ଧାମରେ ରଜ ପାଳିତ

**ବଣାଇଁ, ୧୪।୬ (ସମିସ):** ବଣାଇଁର ପୁରପଲ୍ଲିରେ ରଜପର୍ବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମହିଳା ଓ ଯୁବତୀମାନେ ହାତରେ ମେହେନ୍ଦି, ପାଦରେ ଅଳତା ଲଗାଇ ତୋଟା ଓ ବରଗଛମାନଙ୍କରେ ଲାଗିଥିବା ଦୋଳି ନିକଟରେ ଭିଡ଼ ଜମାଇବା ସହ ରଜପାନ ପାନର ମଜା ନେଇଥିଲେ। ସେହିପରି ଘରେ ଘରେ ଭଳିକି ଭଳି ପିଠାପଣା ମଧ୍ୟ ପ୍ରସ୍ତୁତି କରାଯାଇଛି।



ଏହା ରାଜ୍ୟର ଏକ ପାରମ୍ପରିକ ଓ କୃଷିପର୍ବ ହୋଇଥିବା ବେଳେ ଏହାକୁ ଚାରିଦିନ ଧରି ପାଳନ କରାଯାଇଥାଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିନ ବସୁମତୀ ସ୍ନାନ ଭାବେ ପାଳନ ହୁଏ।

ଧରିତ୍ରୀ ମା' ବର୍ଷାର ଆଗମନରେ ରଜସ୍ୱଳା ହୁଏ ଓ ନୂଆ ଶସ୍ୟ ଉତ୍ପାଦନର ସାଙ୍କେତିକ ଭାବ ବହନ କରେ। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି।

## ହଜି ଗଲାଣି ରଜ ମହକ
## ହୋଟେଲ, ରେସ୍ତୋରାଁରେ ସୀମିତ ରଜ ପର୍ବ

**ରାଉରକେଲା, ୧୪।୬(ସମିସ)**

'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ ଘେନି ନୂଆ ସଜବାଜ'... ରଜ ଆସିଲେ ଏହି ଗୀତରେ ଉଚ୍ଛୁଳି ପଡ଼େ ଗାଁ ଠୁ ସହର। କୁଆଁରୀ ଝିଅମାନେ ରଜ ଗୀତ ଗାଇ ଦୋଳି ଖେଳିଥାନ୍ତି। ଗାଁ ବରଗଛ, ଆମ୍ବତୋଟାରେ ଦୋଳି ଖେଳିବାକୁ ଭିଡ଼ ଜମେ। ହେଲେ ଆଉ ଏପରି ଦେଖିବାକୁ ମିଳୁନାହିଁ।

ଆଧୁନିକତାର ଚାକଚକ୍ୟରେ ହଜି ଯାଉଛି ପ୍ରକୃତ ରଜ ପର୍ବର ମହକ। ଆଧୁନିକତାର ଛାପରେ ଆମର ଏହି ସମୃଦ୍ଧ ସଂସ୍କୃତି ଓ ପରମ୍ପରା ଏବେ ଦିଗହରା ଏବଂ ଅପସଂସ୍କୃତି ମୁହାଁ। ଏବେ ପିଲାମାନେ ପାର୍କରେ ପାଳୁଛନ୍ତି ରଜ। ନାଁ ଆମ୍ବଗଛ ଅଛି ନାଁ ପଟା ଦୋଳି। ସିମେଣ୍ଟ କି ଲୁହା ଖୁଣ୍ଟରେ ଦୋଳି ଖେଳୁଛନ୍ତି।



ସେହିପରି ଆଉ କିଛି ରଜ ମନାଉଛନ୍ତି କ୍ଲବ, ହୋଟେଲ, ରେଷ୍ଟୁରାଣ୍ଟ ତଥା ତାରକା ହୋଟେଲ ପରିସରରେ। ଯେଉଁଠି ଛୁଟି ଆସେ ରଜର କୃତିମ ବାସ୍ନା। ପରମ୍ପରାକୁ ଆଖି ଠାର ସଦୃଶ ନାମକୁ ମାତ୍ର ରଜ ପର୍ବର ବିଧି ମାନିବା ପରେ ସମସ୍ତେ ମସଗୁଲ ହୋଇଯାଆନ୍ତି ଆଧୁନିକ ପାଶ୍ଚାତ୍ୟ ନୃତ୍ୟଗୀତରେ। କେଉଁଠି କେଉଁଠି କକ୍‌ଟେଲ ପାର୍ଟି ବି କରିବାକୁ ପଛାଉ ନାହାଁନ୍ତି। ସେହିପରି ବାଗୁଡି ଖେଳର ଆଉ ସ୍ୱର ଶବ୍ଦ ନାହିଁ। ଏହାର ସ୍ଥାନ ନେଇଛି କ୍ରିକେଟ ଫୁଟବଲ। ସେହିପରି ଘସି ନିଆଁରେ କଦଳୀ ପତ୍ରରେ ପୋଡ଼ପିଠା ସ୍ୱାଦ ବିଲୁପ୍ତ ପ୍ରାୟ। ଏବେ ଇଲେକ୍ଟ୍ରିକ ଓଭେନ ପୋଡ଼ା ଆଧୁନିକ କେକ୍‌ର ବେଶି ଚାହିଦା। ରଜ ପାନ, ପୋଡ଼ପିଠା ଖାଇ ଆବାଳ ବୃଦ୍ଧ ବନିତା ହସଖୁସିରେ ମସଗୁଲ ହେଉଥିବାର ଦୃଶ୍ୟ ଏବେ ଇତିହାସ।

ରଜ କେବଳ ଚିତ୍ତବିନୋଦନକାରୀର ପର୍ବ ନୁହେଁ। ଏହା ସହିତ ପ୍ରକୃତି ଉପାସନା, ଈଶ୍ୱର ବିଶ୍ୱାସ, ଧର୍ମ ଦର୍ଶନ, ସାହିତ୍ୟ ସଂସ୍କୃତି ଓ ବିଜ୍ଞାନ ନିହୀତ ଅଛି। ଏହି ସମୟରେ ରଜ ୩ ଦିନ ଧରି ପୃଥିବୀ ମାଆ ରଜସ୍ୱଳା ହେଉଥିବାରୁ ମାଟିରେ କୌଣସି କାର୍ଯ୍ୟ କରାଯାଇ ନଥାଏ। ମାଟି ଖୋଳା, ବିଲରେ ହଳ କରିବା, ଘରବାଡ଼ି ନିର୍ମାଣ ଆଦି ସମସ୍ତ କାର୍ଯ୍ୟକୁ ବାରଣ କରାଯାଇଥାଏ। ରଜ ପାଳନର ସମସ୍ତ ନୀତି ଯଥା ଏହାର ଦର୍ଶନ, ରତୁମତୀ ଦିବସ ପରେ ସ୍ନାନ କରିବା ବା ବସୁମତୀ ସ୍ନାନ କରାଯାଇଥାଏ। ମାତ୍ର ବର୍ତ୍ତମାନ୍ ଯୁଗରେ ଏହାର ମହକ ଆଉ ଦେଖିବାକୁ ମିଳୁନି। ଉତ୍ତର ଓଡ଼ିଶା ତଥା ଉପକୂଳ ଓଡ଼ିଶାର ଏହି ରଜପର୍ବ ତିନିଦିନ ଧରି ଆଡ଼ମ୍ବର ସହିତ ପାଳିତ ହେଉଥିଲେ ମଧ୍ୟ, ପଶ୍ଚିମ ଓଡ଼ିଶାରେ ରଜପର୍ବର କେତେକାଂଶରେ କମ୍ ପ୍ରଭାବ ପରିଲକ୍ଷିତ ହେଉଛି। ରଜପର୍ବ ପାଇଁ କପଡ଼ା ଦୋକାନମାନଙ୍କରେ ଭିଡ଼ କମ୍ ଥିବା ପରିଲକ୍ଷିତ ହୋଇଛି। ପର୍ବର ପ୍ରାୟ ଏକ ସପ୍ତାହ ପୂର୍ବରୁ ମହିଳା ଓ ଯୁବତୀମାନେ ଶାଢ଼ି ଏବଂ ନୂତନ ପରିଧାନ କ୍ରୟ କରିବା ପାଇଁ ଗହଳି ଲଗାଇଥାଆନ୍ତି। ମାତ୍ର ତାହା ଦେଖିବାକୁ ମିଳୁନାହିଁ। ଅବଶ୍ୟ କିଛି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରଜ ପର୍ବର ମହାନ ପରମ୍ପରାକୁ ବଜାୟ ରଖିଛନ୍ତି।

ତେବେ ରାଉରକେଲା ମହାନଗର ନିଗମ ଅଞ୍ଚଳ ସହିତ ଇସ୍ପାତ ସହରରେ ରଜ ପର୍ବକୁ ନେଇ ବିଶେଷ ଆୟୋଜନ କରାଯାଇଛି। ଅନ୍ୟପଟେ ରଜ ଖୋଲା




ଆକାଶ ତଳେ ଆଉ ପାଳନ କରାଯାଉ ନାହିଁ। ସହରର ବଡ଼ ବଡ଼ ହୋଟେଲମାନଙ୍କରେ ରଜପର୍ବ ଜମୁଛି। କେତେକ ହୋଟେଲରେ ରଜପର୍ବ ପାଇଁ ରଜ ଦୋଳି ଲଗାଯିବା ସହିତ ଅନ୍ୟ ଆୟୋଜନ କରାଯାଇଛି। ବିଶେଷକରି ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ପରିଚାଳିତ ପାନ୍ଥନିବାସ ହୋଟେଲରେ ଏହି ରଜପର୍ବ ଉପଲକ୍ଷେ ଦୋଳି ଲଗାଯିବା ସହିତ ବ୍ୟଞ୍ଜନର ଷ୍ଟଲ ଲଗାଯିବା ପାଇଁ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

## ରାଉରକେଲାରେ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ପାଇଁ ଦାବିପତ୍ର



**ରାଉରକେଲା, ୧୪।୬ (ସମିସ):** ଜେଲ୍‌ରୋଡ ସ୍ଥିତ ଇଏସ୍‌ଆଇସି ମଡେଲ ହସ୍ପିଟାଲରେ ଅଧକ୍ଷଙ୍କ ପ୍ରକୋଷ୍ଠରେ ହିନ୍ଦ ମଜଦୁର ସଭାର ଏକ ପ୍ରତିନିଧି ମଣ୍ଡଳୀ ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ସର୍ବଶ୍ରୀ ଜଗବନ୍ଧୁ ଜେନା, ଦିଲ୍ଲୀପ ଜେନା, ବିମଳ ବେହୁରିଆ, ରାକେଶ ଚାନ୍ଦ, ତନ୍ମୟ ରଥ, ଅଶୋକ କୁମାର ଦାଶ, ବିନ୍ଦୁରେଖା ସାହୁ ପ୍ରଭୃତି ଇନ୍ସୁରାନ୍ସ କମିଶନର ପ୍ରଣୟ ସିଂହା ଓ ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତଙ୍କୁ ସାକ୍ଷାତ କରି ରାଉରକେଲାରେ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ସ୍ଥାପନ ସହିତ ମଡେଲ ହସ୍ପିଟାଲକୁ ତୁରନ୍ତ ୧୫୦ ଶଯ୍ୟା ବିଶିଷ୍ଟ କରାଯିବାକୁ ଦାବି କରିଥିଲେ। ଏହା ବ୍ୟତିତ ଖାଲିଥିବା ଅସ୍ଥିଶଲ୍ୟ ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ନିଯୁକ୍ତି ଏବଂ ଡିଜିଟାଲ ଏକ୍ସରେ ତୁରନ୍ତ କରିବାକୁ ପ୍ରତିଶ୍ରୁତି ସହିତ ଆଇଜିଏଚ୍‌ରେ ରେଫର ରୋଗୀଙ୍କୁ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ ଓ ଔଷଧ ରୋଗୀଙ୍କୁ ପୂର୍ବଭଳି ଉପଲବ୍ଧ, ଆଇଜିଏଚରେ ରୋଗୀ ସୁସ୍ଥ ହେବା ପର୍ଯ୍ୟନ୍ତ ଜିରୋ ବା ବିନା ଖର୍ଚ୍ଚରେ ଚିକିତ୍ସା କରାଯିବା, ମଡେଲ ହସ୍ପିଟାଲରେ ମେଲ୍ ଇନ୍‌ଡୋର ବିଭାଗରେ ସେଣ୍ଟ୍ରାଲ ଏସି କରାଯିବା ଓ ମଡେଲ ହସ୍ପିଟାଲର ଇଞ୍ଜିନିୟରିଂ ବିଭାଗରେ ହୋଇଥିବା ଅର୍ଥ ଅନିୟମିତତାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଥିଲେ। ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ନେଇ ଇନ୍ସୁରାନ୍ସ କମିଶନର ପ୍ରଣୟ ସିଂହା ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ମଡେଲ ହସ୍ପିଟାଲ ଅଧକ୍ଷ ମାସିହ ପ୍ରକାଶ ମିଞ୍ଜ, ଇଏସ୍‌ଆଇସି ଷ୍ଟେଟ ମେଡିକାଲ ଅଫିସର ଡାକ୍ତର ଆଭା ତିର୍କୀ, ମଡେଲ ହସ୍ପିଟାଲର ନୋଡାଲ ଅଫିସର ଡା ଲାଲମୋହନ ମିଶ୍ର, ଉପ ନିର୍ଦ୍ଦେଶକ ସଞ୍ଜୀବ କୁମାର ଉପସ୍ଥିତ ଥିଲେ।

## ରାଉରକେଲାର ପାନ୍ଥ ନିବାସରେ ରଜ ମହୋତ୍ସବ



**ରାଉରକେଲା, ୧୪।୬(ସମିସ):** ଓଡ଼ିଶାର ମହାନ କୃଷି ଭିତ୍ତିକ ଗଣପର୍ବ ରଜ ମହୋତ୍ସବ ଆଜି ରାଉରକେଲାର ପାନ୍ଥ ନିବାସ ଠାରେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ପାନ୍ଥନିବାସର ମ୍ୟାନେଜରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏକ ଉତ୍ତମ ପ୍ରୟାସ କରାଯାଇଥିଲା। ଏହି ଅବସରରେ ଓଡିଆଙ୍କ ଅତି ସ୍ୱାଦିଷ୍ଟ ପୋଡ ପିଠା, ମଣ୍ଡା ପିଠା, କ୍ଷୀର ଗଜା, ବିରି ଚକୁଳି ପିଠା, ସୁଜି କାକରା, ଘୁଘୁନି, ରଜ ପାନ ଆଦି ପ୍ରସ୍ତୁତ କରାଯାଇ ସୁସଜ୍ଜିତ କରାଯାଇଥିଲା। ଏହି ଅବସରରେ ରଜ ମହୋତ୍ସବର ମୁଖ୍ୟ ଆକର୍ଷଣ ଏକ ସୁସଜ୍ଜିତ ଦୋଳିର ବ୍ୟବସ୍ଥା କରାଯାଇଥିଲା। ଉତ୍ସବକୁ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ଧିରେନ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପଣ୍ଡ; ୫ ଗିରଫ
### ବିପୁଳ ମାରଣାସ୍ତ୍ର ଜବତ



**ରାଉରକେଲା, ୧୪।୬(ସମିସ):** ସ୍ଥାନୀୟ ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ଡିସୌଜା ସ୍କୁଲ ପଛ ଜଙ୍ଗଲରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ସ୍ଥାନୀୟ ପେଟ୍ରୋଲ ପମ୍ପ ସମେତ କିଛି କ୍ୱାର୍ଟର୍ସ ଏବଂ ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହାକୁ ପଣ୍ଡ କରିଛି। ୫ ଡକାୟତଙ୍କୁ ଗିରଫ ସହ ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧ ଆଖଣ୍ଡଳମଣୀ ବସ୍ତି ଅଞ୍ଚଳର ସନ୍ତୋଷ ବିଷୋୟୀ ଓରଫ ଋଷି(୨୨), ସେକ୍ଟର-୨୦ ମିଶ୍ର ଖଟାଲ ଅଞ୍ଚଳର ରାକେଶ କୁମ୍ଭାର(୩୫), ସେକ୍ଟର-୧୫ ମୋହନ ମଲ୍ଲାର ଖଲ୍ଲୀ ଖାନ୍(୩୮), ସେକ୍ଟର-୧୯ ଝାଡ଼ଖଣ୍ଡ ମାର୍କେଟ ଅଞ୍ଚଳର ଜଗବନ୍ଧୁ ପଣ୍ଡା ଓରଫ ସୁନିଲ(୨୬) ଏବଂ କୋଏଲନଗର ଅଞ୍ଚଳର ଶାକିହ ଆବୁ ଫହିମ୍ (୪୦)।

ସୂଚନାଯୋଗ୍ୟ ଯେ, ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ସ୍ଥିତ ଡିସୌଜା ସ୍କୁଲ ପଛ ପଟେ ଥିବା ଦୁର୍ଗାପୁର ପାହାଡ଼ ତଳ ଜଙ୍ଗଲ ଭିତରେ ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକାଠି ହୋଇ ଲୁଟ୍ ଯୋଜନା କରୁଥିବା ସୂଚନା ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ସେକ୍ଟର-୩ ଥାନା ପୁଲିସ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ୫ ଜଣ ଡକାୟତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ କଟୁରୀ, ଟାଙ୍ଗିଆ, ଲୁହାଛଡ, ଛୁରୀ, ମାର୍ତୁଲ, ସ୍କ୍ରୁ ଡ୍ରାଇଭର, ଲଙ୍କା ପାଉଡର, ଏଲ୍‌ଇଡି ଟର୍ଚ୍ଚ, ମାସ୍କ, ଓ ମୋବାଇଲ ଫୋନ ଆଦି ଜବତ କରାଯାଇଛି। ସେମାନେ ନିକଟସ୍ଥ ପେଟ୍ରୋଲ ପମ୍ପ ସମେତ କିଛି ଘର ଓ ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ଗିରଫ ପରେ ପୁଲିସକୁ ସୂଚନା ଦେଇଛନ୍ତି। ଗିରଫ ଖଲି ଖାନ ନାଁରେ ସେକ୍ଟର-୧୯, ସେକ୍ଟର-୧୫ ଏବଂ ସେକ୍ଟର-୭ ଥାନା ଅଧିନରେ ୧୧ଟି ବିଭିନ୍ନ ଅପରାଧିକ ମାମଲା ରହିଛି। ସେହିପରି ସୁନିଲ ପଣ୍ଡା ନାଁରେ ସେକ୍ଟର-୧୯ ଏବଂ ଝିରପାଣି ଥାନାରେ ୨ଟି ଅପରାଧିକ ମାମଲା, ସନ୍ତୋଷ ବିଷୋୟୀ ନାଁରେ ସେକ୍ଟର-୧୫, ସେକ୍ଟର-୩ ଥାନା ଏବଂ ଝିରପାଣି ଥାନାରେ ବିଭିନ୍ନ ୧୮ଟି ଅପରାଧିକ ମାମଲା, ଆବୁ ଫହିମ୍ ନାଁରେ ଝିରପାଣି ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ବେଳେ ରାକେଶ କୁମ୍ଭାର ନାଁରେ ଝିରପାଣି ଏବଂ ସେକ୍ଟର-୧୯ ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି।

## ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ବଣିକ ସଂଘର ସାଧାରଣ ବୈଠକ

**ରାଉରକେଲା, ୧୪।୬(ସମିସ):** ଇସ୍ପାତ ସହର ଆମ୍ବାଗାନରେ ଥିବା ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ବଣିକ ସଂଘର ଏକ ସାଧାରଣ ଜରୁରୀ ବୈଠକ ସେକ୍ଟର-୫ ସ୍ଥିତ ଆଶୀର୍ବାଦ ମଣ୍ଡପଠାରେ ସଂଘର ପୂର୍ବତନ ସଭାପତି ଶଙ୍କର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ବଣିକ ସଂଘର ପୂର୍ବତନ ସଭାପତି ଶଙ୍କର ଜେନା ମାର୍କେଟ କମିଟି ବିଷୟରେ ସୂଚନା ଦେଇ କହିଥିଲେ ଯେ, ପୂର୍ବରୁ ଥିବା କମିଟିରେ ତିନି ଜଣ କର୍ମକର୍ତ୍ତା ଥିଲାବେଳେ ସେଥିମଧ୍ୟରୁ କୋଷାଧକ୍ଷ ଥିବା ଶ୍ୟାମସୁନ୍ଦର ସ୍ୱାଇଁ ପ୍ରାୟ ବର୍ଷେ ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବାରୁ ପୁନଃ ନିର୍ବାଚନ ହେବାର ସମୟ ଆସିଛି। ସେହିପରି ପୂର୍ବ କମିଟି ୩ ବର୍ଷ ପୂରଣ କରିଥିବାରୁ ନୂଆ କମିଟି ପାଇଁ ନିର୍ବାଚନର ଆବଶ୍ୟକତା ରହିଛି। ଏଥିସହିତ ତିନୋଟି ବିଷୟରେ ଆଲୋଚନା ହେବାକୁ ସ୍ଥିର କରାଯାଇଛି। ମାର୍କେଟରେ ଥିବା ଦୋକାନୀଙ୍କ ମାଲିକାନାକୁ ନେଇ ତୃତୀୟ ପକ୍ଷ ମାଲିକାନା ହସ୍ତାନ୍ତର, ଯେଉଁ ଦୋକାନୀମାନେ ସ୍ଥିତାବସ୍ଥା ଯୋଗୁଁ ବସି ରହିଛନ୍ତି ସେମାନଙ୍କୁ ସେଥିରୁ ମୁକୁଳାଇ ଥଇଥାନ କରାଇବା, ମାର୍କେଟ ପରିସରରେ ନମାଜ ପଢ଼ିବା ପାଇଁ ସ୍ଥାନ ନିରୂପଣ ହୋଇ ସାରିଥିବା ବେଳେ ବର୍ତ୍ତମାନ ନିର୍ମାଣାଧୀନ ଥିବା ରାଧାକୃଷ୍ଣ ମନ୍ଦିର ନିର୍ମାଣ, ତାହା କିପରି ଭବ୍ୟ ହୋଇପାରିବ ଏବଂ ହନୁମାନ ମନ୍ଦିର ନିର୍ମାଣ ପାଇଁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଥିବା କମିଟିରେ ଶ୍ୟାମସୁନ୍ଦର ସ୍ୱାଇଁ କୋଷାଧକ୍ଷ ଥିଲେ। ସେ ବ୍ୟକ୍ତିଗତ କାରଣ ଦେଖାଇ ପ୍ରାୟ ବର୍ଷେ ପୂର୍ବରୁ ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ କମିଟିରେ ଅନ୍ୟ ଦୁଇଜଣ ତିନି ବର୍ଷ ମଧ୍ୟରେ କୌଣସି ସାଧାରଣ ବୈଠକ ଡକାଇ ନଥିବାରୁ ଓ ମାର୍କେଟର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ସର୍ବସମ୍ମତିକ୍ରମେ ନିର୍ବାଚନ କରାଯାଇ କମିଟି ସ୍ଥିର କରାଯାଇ ମାର୍କେଟ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବା ଦରକାର ବୋଲି ମତ ରଖିଥିଲେ।

ତେବେ ପୂର୍ବତନ କମିଟି ତଥା କିଛି ନୂତନ ସଦସ୍ୟ ସମ୍ପ୍ରତି ରାଜ୍ୟସଭା ସାଂସଦ ଦିଲିପ ରାୟଙ୍କୁ ଭେଟି ମାର୍କେଟର ଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇବାରୁ, ସେ ଏହାକୁ ଆସନ୍ତା ଜୁଲାଇ ମାସରେ ଆରଏସପିର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ଦିଆଯାଇଛି। ଏହି ସାଧାରଣ ଜରୁରୀ ବୈଠକରେ ପୂର୍ବତନ ସଭାପତି ଶଙ୍କର ଜେନା, ଭଗବାନ ବିଶ୍ୱାଳ, ମୂରଲୀଧର ମିଶ୍ର, ମୂରଲୀଧର ପାଣିଗ୍ରାହୀ, ଶ୍ୟାମସୁନ୍ଦର ସ୍ୱାଇଁ, ଦୀନବନ୍ଧୁ ନାୟକ, କୂଳମଣି ଧଳ, ରାମବୀର ପ୍ରସାଦ, ନଳୀନି ସାହୁ, ସରୋଜ ଖଟୁଆ, ହିମାଂଶୁ ପରିଡ଼ା ପ୍ରମୁଖ ନିଜ ନିଜର ବକ୍ତବ୍ୟରେ କହିଥିଲେ ଯେ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ବଣିକ ସଂଘର ପୁନଃ ନିର୍ବାଚନ ହେଲେ, ଏସବୁ ସମସ୍ୟାର ସମାଧାନ ହୋଇପାରିବ। ଶେଷରେ ଚଞ୍ଚଳ ମାଇତି ଧନ୍ୟବାଦ ଅର୍ପଣ କରିଥିଲେ।



## ଅଭିମନ୍ୟୁ ସାମନ୍ତସିଂହାରଙ୍କ କାବ୍ୟକୃତି ଆଲୋଚନାଚକ୍ର

**ରାଉରକେଲା, ୧୪।୬(ସମିସ):** ସଚ୍ଚିଦାନନ୍ଦ ସ୍ମୃତି ସଂସଦର ପ୍ରାଚୀନ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ପ୍ରେମଭକ୍ତି ଓ କାବ୍ୟର ଅନନ୍ୟ ସ୍ରଷ୍ଟା ଅଭିମନ୍ୟୁ ସାମନ୍ତସିଂହାରଙ୍କ କାବ୍ୟକୃତି ସମ୍ପର୍କରେ ଏକ ଆଲୋଚନାଚକ୍ର ଛେଣ୍ଡ ସ୍ଥିତ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ତଥା କାର୍ଯ୍ୟକ୍ରମର ଆବାହିକା ଶର୍ମିଷ୍ଠା କବି ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ଗୀତାଞ୍ଜଳି ପତ୍ରୀ ସଭାପତିତ୍ୱ କରିଥିଲେ।



ଏହି ଅବସରରେ ଆଲୋଚକ ଭାବେ କବି ରାଜୀବ ପାଣି ଯୋଗଦେଇ, ରୀତିଯୁଗୀୟ ସାହିତ୍ୟର ଜଣେ ଶ୍ରେଷ୍ଠ କବି ଭାବେ ପରିଚିତ ଅଭିମନ୍ୟୁ ସାମନ୍ତସିଂହାର ଥିଲେ ପରମ ବୈଷ୍ଣବ। ତାଙ୍କର ବୈଷ୍ଣବୀୟ କାର୍ଯ୍ୟକଳାପ ତାଙ୍କ ଦୁର୍ଲ୍ଲଭ କାବ୍ୟକଳା ଓ ରସ-ଚେତନାରେ ପ୍ରତିଭାତ ହୋଇଛି। କବିଙ୍କ ବିଦଗ୍ଧ ଚିନ୍ତାମଣି ଏକ ସରସ ସୁନ୍ଦର ଓ ସୁମନୋହର କାବ୍ୟ। ତାଙ୍କ ଦ୍ୱାରା ସୃଷ୍ଟି ରଚନା ସମଗ୍ର ଓଡ଼ିଆ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ରତ୍ନ। ସଭାପତିତ୍ୱ ଅଭିଭାଷଣରେ ଡାକ୍ତର ପତ୍ରି କହିଲେ ଯେ, ବିଦଗ୍ଧ କବି ଚିନ୍ତାମଣିଙ୍କ ଛାନ୍ଦରେ ଅଲଗା ଅଲଗା ରାଗ ଥିଲା। ତାଙ୍କର ସହଜ ସରଳ ଭାଷା ସମସ୍ତଙ୍କର ଗ୍ରହଣୀୟ ଥିଲା। ଆବାହିକା ଅଧକ୍ଷା କବିଶତପଥୀ ପ୍ରାକକଥନରେ କହିଲେ ଯେ ପରପିଢ଼ିଙ୍କୁ ଅଧିକ ଜ୍ଞାନ ଦେବାପାଇଁ ଏଭଳି ପ୍ରୟାସ କରାଯାଉଛି। ଆମର ପୂର୍ବଜମାନେ ଏପରି ସୃଷ୍ଟି କରିଛନ୍ତି ଯାହାଙ୍କ ଶବ୍ଦ ସମ୍ଭାର, ତାର ଭାବ ଶୈଳୀ ବୁଝିବା ଦରକାର। କାରଣ କିଛି ଜାଣିଲେ ଆମେ ଅଧିକ ସଚେତନ ହୋଇପାରିବା। ଶାଶ୍ୱତୀ ମହାପ୍ରଭୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଡା ସୁଶାନ୍ତ ପାଣି କବିଙ୍କ ଏକ କବିତାକୁ ଗାନ କରିଥିଲେ।

## ରଘୁନାଥପାଲି ଟିପ୍ପର ମାଲିକ ସଂଘ ସହ ଆର୍‌ଏସ୍‌ପିର ଚୁକ୍ତିନାମା
### ସ୍ଲାଗ୍ ପରିବହନ ପାଇଁ ଟନ୍ ପିଛା ୨୦୦ଟଙ୍କା ଧାର୍ଯ୍ୟ

**ରାଉରକେଲା, ୧୪।୬(ସମିସ)**

ରାଉରକେଲା ଇସ୍ପାତ କାରଖାନା ପରିସରରୁ ଏଲ୍‌ଡି ସ୍ଲାଗ ପରିବହନ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ଏବଂ ଆର୍‌ଏସ୍‌ପି ମଧ୍ୟରେ ଏକ ଚୁକ୍ତିନାମା ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଏ ନେଇ ରଘୁନାଥପାଲି ଟିପ୍ପର ମାଲିକ ସଂଘ ପକ୍ଷରୁ ଶନିବାର ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଅଶୋକ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି ଯେ, ଆରଏସପିରେ ସ୍ଲାଗ୍ ଲୋଡିଂ କ୍ଷେତ୍ରରେ ଲୋକାଲ ଟିପ୍ପରକୁ ପ୍ରାଧାନ୍ୟ ଦେବା ଦାବିରେ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାମାନେ ଜୁନ୍ ୮ରୁ ଧାରଣାରେ ବସିଥିଲେ। ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଦୁର୍ଗା ଚରଣ ତନ୍ତୀ ଏହାକୁ ସମର୍ଥନ ଜଣାଇବା ସହିତ ତୁରନ୍ତ ସମାଧାନ ପାଇଁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଦେଇଥିଲେ।



ଜୁନ୍ ୧୦ ତାରିଖ ଦିନ ଆର୍‌ଏସ୍‌ପି କର୍ତ୍ତୃପକ୍ଷ, ମାଲ ପରିବହନ କରୁଥିବା ଏସ୍‌ଏସ୍ ଟ୍ରେଡ଼ିଂ, ସ୍ୱସ୍ତିକ୍ ଏଣ୍ଟରପ୍ରାଇଜେସ୍ ଏବଂ ଏଟିଚ୍ୟୁଡ୍ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍, ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ, ସିଆଇଏସ୍‌ଏଫ୍ ଅଧିକାରୀଙ୍କ ସମେତ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ପରେ ଧର୍ମଘଟ ପ୍ରତ୍ୟାହୃତ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରିଥିବା ରାଉରକେଲା ଇସ୍ପାତ କାରଖାନାର ଅଧିକାରୀଙ୍କ ସର୍ତ୍ତାବଳୀରେ ସମସ୍ତ ପକ୍ଷ ରାଜି ହେଲାପରେ ଏହି ଧର୍ମଘଟ ପ୍ରତ୍ୟାହୃତ କରାଯାଇଥିଲା। ଏଲ୍‌ଡି ସ୍ଲାଗ ପରିବହନ ପାଇଁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘକୁ ଅନୁମତି ମିଳିବା ପରେ, ସମସ୍ତ ପକ୍ଷଙ୍କୁ ନେଇ ଶୁକ୍ରବାର ଦିନ ଏକ ବୈଠକରେ ପରିବହନର ଦର ଧାର୍ଯ୍ୟ କରାଯାଇଥିଲା। ଟନ୍ ପିଛା ୨୦୦ ଟଙ୍କା ଦରରେ ସ୍ଲାଗ ପରିବହନ ପାଇଁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ରାଜି ହେବା ପରେ ବିବାଦର ସମାଧାନ ହୋଇପାରିଛି। ଯଦି ଡିଜେଲ ଦର ବୃଦ୍ଧି ହୁଏ ତେବେ ପରିବହନ ଦର ବୃଦ୍ଧି ହେବ ବୋଲି ଏହି ରାଜିନାମାରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ସେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କୁ ଧନ୍ୟବାଦ୍ ଦେବା ସହିତ ଧର୍ମଘଟରେ ସାମିଲ୍ ହୋଇଥିବା ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡ଼ଙ୍ଗୀ, ଉପସଭାପତି ଦେବ ପ୍ରସାଦ ମିଶ୍ର, କୋଷାଧକ୍ଷ ବ୍ରଜ କିଶୋର ସାମଲ, ସହସମ୍ପାଦକ ଅଜିତ ଛୋଟରାୟ, ସହସମ୍ପାଦକ ସୌମ୍ୟ ରଞ୍ଜନ ନାୟକଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ଯୁବକ ମୃତ

କେସିଙ୍ଗା, ୧୪।୬(ସମିସ): କେସିଙ୍ଗା ବ୍ଲକ ଗୁକୁଲେଶ୍ୱର ପଞ୍ଚାୟତ ଗୁକୁଲେଶ୍ୱର ଗ୍ରାମର ଗୋପୀ ଗଉଡ଼ଙ୍କ ସାନ ପୁଅ ଗୋଲକ ଗଉଡ଼(୧୮)ଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି। ରବିବାର ଅପରାହ୍ଣରେ ଗୋଲକ ଘର ପାଇଁ ଜାଳେଣି ସଂଗ୍ରହ ପାଇଁ ନିକଟସ୍ଥ ଜମିକୁ ଯାଇଥିଲେ, ସେହି ସମୟରେ ଅଚାନକ ବଜ୍ରାଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକ ଖବର ପାଇବାପରେ ସଙ୍ଗେସଙ୍ଗେ ଭବାନୀପାଟଣା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଜ୍ରପାତରେ ୪ ଶିଶୁ ଗୁରୁତର

ଲାଞ୍ଜିଗଡ଼, ୧୪।୬(ସମିସ): ଆମ୍ବ ଗୋଟାଉଥିବାବେଳେ ହଠାତ୍ ବଜ୍ରପାତର ଶିକାର ହୋଇ ୪ ଜଣ ଆଦିବାସୀ ଶିଶୁ ଗୁରୁତର ହୋଇଛନ୍ତି। ରବିବାର ଅପରାହ୍ଣରେ ଲାଞ୍ଜିଗଡ଼ ବ୍ଲକର ତ୍ରିଲୋଚନପୁର ପଞ୍ଚାୟତ ଅଧୀନ କୁନାକାଡୁ ଗାଁରେ କିଛି ଶିଶୁ ଆମ୍ବଗଛ ତଳେ ଆମ୍ବ ଗୋଟାଉଥିଲେ। ଏହି ସମୟରେ ହଠାତ୍ ବର୍ଷା ପବନ ସହିତ ଘଡ଼ଘଡ଼ି ମାରିଥିଲା ଏବଂ ବଜ୍ରପାତ ହୋଇଥିଲା। ଫଳରେ ଡ୍ରିଞ୍ଜୁ ମାଝୀ, ଖେତ୍ରୁ ମାଝୀ, ମଣ୍ଡି ମାଝୀ ଓ ମନୁ ମାଝୀ ନାମକ ଚାରିଜଣ ଶିଶୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଶିଶୁମାନଙ୍କୁ ଉଦ୍ଧାର କରି ପ୍ରଥମେ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ସେମାନଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରେ ପହଞ୍ଚି ଗୁରୁତର ଶିଶୁମାନଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରିବୁଝିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରିଥିଲେ।

## ଦୀର୍ଘଦିନ ଧରି ଜଳୁନି ଷ୍ଟ୍ରିଟ୍ ଲାଇଟ୍

ଖଡ଼ିଆଳ, ୧୪।୬(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାରେ ଦୀର୍ଘ ଦିନ ଧରି ଷ୍ଟ୍ରିଟ୍‌ଲାଇଟ୍ ଅଚଳ ଅବସ୍ଥାରେ ପଡ଼ି ରହିଛି। ଫଳରେ ସନ୍ଧ୍ୟାପରେ ସମଗ୍ର ଅଞ୍ଚଳ ଅନ୍ଧାରରେ ବୁଡ଼ି ରହୁଥିବା ବେଳେ ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ସାଧାରଣ ଲୋକଙ୍କୁ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷ କରି ରାତି ସମୟରେ ଜରୁରୀଚିକିତ୍ସା ପାଇଁ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଚାଳକମାନେ ଅସୁବିଧାରେ ପଡୁଛନ୍ତି। ସ୍ଥାନୀୟ ପଞ୍ଚାୟତ ଚନାବେଡା, ଭୋଜପୁର, ଭୁଲିଆସିକୁଆ ଅଞ୍ଚଳ ପନ୍ଦର ରୁ ଅଧିକ ଗ୍ରାମର ଲୋକମାନେ ବାରମ୍ବାର ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ତେଣୁ ତୁରନ୍ତ ଅଚଳ ଷ୍ଟ୍ରିଟ୍‌ଲାଇଟ୍ ଗୁଡ଼ିକର ମରାମତି କରି ରାସ୍ତାରେ ଆଲୋକ ବ୍ୟବସ୍ଥା ଠିକ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କେବେ ସରିବ ଉଦେଶୃଙ୍ଗ-କୁରସୁଡ଼ ରାସ୍ତା କାମ

ଗୋଲାମୁଣ୍ଡା, ୧୪।୬(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଉଦେଶୃଙ୍ଗ ଠାରୁ କୁରସୁଡ଼ ପୂର୍ତ୍ତବିଭାଗ ରାସ୍ତା କାମକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା କାମଟି ଆରମ୍ଭ ହୋଇ ତିନି ବର୍ଷରୁ ଅଧିକ ସମୟ



ବିତିଯାଇଥିଲେ ମଧ୍ୟ ଏଯାବତ କାମଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତାଟି ଖଡ଼ିଆଳଠୁ ଭବାନୀପାଟଣା ମୁଖ୍ୟ ରାସ୍ତାରେ ସଂଯୋଗ ହୋଇଥିବାରୁ ଗୋଲାମୁଣ୍ଡା ବ୍ଲକର ଜନସାଧାରଣ ଉକ୍ତ ରାସ୍ତା ଉପରେ ବିଶେଷ ପରିମାଣରେ ଯାତାୟାତ କରିଥାନ୍ତି। ହେଲେ ରାସ୍ତା କାମଟି ଅଧପନ୍ତରିଆ ଅବସ୍ଥାରେ ଥିବାରୁ ରାସ୍ତାରେ ଯିବା ଆସିବା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କଲେ ଫୋନ ଉଠାଉ ନାହାନ୍ତି। କଳାହାଣ୍ଡି ଜିଲ୍ଲାପାଳ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ପରଲୋକରେ ରାକ୍ସି ଗୌନ୍ତିଆ ରାଜେନ୍ଦ୍ର ପ୍ରସାଦ ଭୋଇ



ଭବାନୀପାଟଣା, ୧୪।୬(ସମିସ): ନର୍ଲା ବ୍ଲକ ରାକ୍ସି ଗାଁର ଗୌନ୍ତିଆ ରାଜେନ୍ଦ୍ର ପ୍ରସାଦ ଭୋଇଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଶନିବାର ରାତି ୮ଟା ସମୟରେ ସେ ତାଙ୍କ ରାକ୍ସି ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ରବିବାର ସକାଳ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଚାରିପୁଅ ଜନକ, କମଳାକାନ୍ତ, ଲମ୍ବୋଦର ଓ କୁଶ ମୁଖାଗ୍ନି ଦେଇଥିଲେ। ଅନ୍ତିମ ଶଜ୍ୟା ନିକଟରେ ୪ ପୁଅଙ୍କ ସମେତ ୪ ବୋହୂ; ଜାନକୀ, ଲତା, ଲତା ଓ ଅର୍ଣ୍ଣପୂର୍ଣ୍ଣା, ଝିଅ ଜ୍ୱାଇଁ, ନାତି ନାତୁଣୀ, ନାତୁଣୀ ଜ୍ୱାଇଁ ଓ ଆତ୍ମିୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ଭୋଇ ଯାଦବ ସମାଜର ଆଞ୍ଚଳିକ ସଭାପତି ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ଉପସଭାପତି ସୁନୀଲ କୁମାର ଧଙ୍ଗଡ଼ାମାଝୀ, ମାର୍କଣ୍ଡ ଜାଲ ଓ ଦୁଲ୍ଲଭ ମାହାର, ପୂର୍ବତନ ବ୍ଲକ ସଭାପତି ଟଙ୍କଧର ଭୋଇ ଓ ହୃଷିକେଶ ଭୋଇ, ରାକ୍ସି ସରପଞ୍ଚ ଜେମନ୍ତ ପୋଢ, ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡ଼ାମାଝୀ, ରାକ୍ସି ସମିତି ସଭ୍ୟ ଚୁମନ ଭୋଇ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଶବାଧାରରେ ଯାଦବ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ତ୍ରିଲୋଚନ ଭୋଇ, ପ୍ରଦ୍ୟୁମ୍ନ ଭୋଇ, ଶଙ୍କର ବିଶ୍ୱାଳ, ଟିକେରାମ ଗଉଡ, ଲିଙ୍ଗରାଜ ପୋଢ, ମଧୁ ଜାଲ, ନିର୍ମଳ ଭାଟି, ଜୟଦେବ ପୋଢ, ଗୁଣନିଧି କରୁଆଁ, ଡମ୍ବରୁଧର ଭାଟି, ଖିରାବ୍‌ଠଧ ନାଗ, ଦେବାନନ୍ଦ ଭୋଇ, ପ୍ରତାପ ନାଏକ, ସତ୍ୟନାରାୟଣ ନାଏକ, ରାମ ନାଏକ, ମୋହନ ନାଏକ, ହନୁ ବାଗ, କିଶନ ଭୋଇ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ସାମିଲ ଥିଲେ।

# ସମସ୍ୟା ମାଳମାଳ; ସମାଧାନ ନାହିଁ

ଭବାନୀପାଟଣା, ୧୪।୬(ସମିସ)

ଇତିମଧ୍ୟରେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଶାସନର ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛନ୍ତି। ଗତ ଦୁଇବର୍ଷର ଉପଲବ୍ଧିକୁ ବଖାଣିଛନ୍ତି। ବାସ୍ତବିକ ରାଜ୍ୟରେ ନକ୍ସଲ ଦମନ କରାଯାଇ ରାଜ୍ୟ ନକ୍ସଲ ମୁକ୍ତ ହୋଇଛି ସତ କିନ୍ତୁ ତାହାଠାରୁ ଭୟଙ୍କର ସ୍ଥିତି ସୃଷ୍ଟି କରିଛି ରାଜ୍ୟରେ ବୃଦ୍ଧି ପାଉଥିବା ଅପରାଧ ହାର। ସହରୀ ସନ୍ତ୍ରାସବାଦୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିଚାଲିଛି। ଦୁଷ୍କର୍ମ, ଲୁଟ୍ ଏବଂ ହତ୍ୟାର ବିଭୀଷିକା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ହତ୍ୟା ଲୁଟ୍ ନିରବଚ୍ଛିନ୍ନରୂପେ ଘଟି ପ୍ରତିଦିନ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବିଗିଡିଯାଇଛି ଆଇନ ଶୃଙ୍ଖଳା। ଅପରାଧୀମାନେ ଏନ୍‌କାଉଣ୍ଟରକୁ ମଧ୍ୟ ଭୟ କରିବା ଦେଖାଯାଉ ନାହିଁ। କଳାହାଣ୍ଡି କ୍ଷେତ୍ରରେ ଏ ସରକାର ଆସିବାପରେ କ'ଣ ପରିବର୍ତ୍ତନ ହୋଇଛି କି ସଫଳତା ମିଳିଛି ତାହା ଜିଲ୍ଲାବାସୀ ସମସ୍ତେ ହୃଦ୍‌ବୋଧ କରିସାରିଛନ୍ତି। ଚାଷୀ ସମସ୍ୟା ଦୂର ହୋଇପାରୁନାହିଁ। ପିଇବା ପାଣିର ଅଭାବ ଲାଗି ରହିଛି। ଗ୍ରାମାଞ୍ଚଳ ରାସ୍ତାଘାଟ କଥା ନକହିବା ଉଚିତ୍ ହେବ। କାରଣ ପ୍ରତିଦିନ କେଉଁଠି ନା କେଉଁଠି ଖଟିଆରେ ବୁହା ହୋଇ ସେ ରୋଗୀ ହୁଅନ୍ତୁ ବା ଗର୍ଭବତୀ ମହିଳା ଯିବା ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି।

**ବିଜେପି ସରକାରର ଦୁଇ ବର୍ଷର ଉପଲବ୍ଧି**

୯ମାସ ପୂରିଲା ଅଥଚ ତୁର୍କେଲ ବ୍ରିଜ୍‌ର ମରାମତି ହେଲାନାହିଁ କିନ୍ତୁ ସେହି ରାସ୍ତାଦେଇ ୪ଲେନ୍ ରାସ୍ତା ନିର୍ମାଣ ହେବ କହି ନିଜ ଅପାରଗତାକୁ ସରକାର ଘଣ୍ଟ ଘୋଡାଇ ଚାଲିଛନ୍ତି। ସ୍ପିନିଂ ମିଲ୍ ଏବଂ ଅନ୍ୟ କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନ ଗୁଡ଼ିକ ନୂଆ ଜୀବନ ପାଇବା ଆଶା ମଉଳିଗଲା। ସବୁଠାରୁ ବଡ଼ ଦୁଃଖ ଗତ ୩ ମାସ ଧରି ବୃଦ୍ଧ ବୃଦ୍ଧା, ବିଧବା ଏବଂ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ମିଳିପାରିଲା ନାହିଁ। ଏବେ କିଛି ହାତ ଗଣତି ଆକାଉଣ୍ଟରେ ଟଙ୍କା ପଡ଼ିଛି ବୋଲି ଜଣାପଡ଼ିଛି। ଜିଲ୍ଲାର ଚାଷୀ ଚିରାଚରିତ ଦୁଃଖରୁ ମୁକ୍ତ ହୋଇ ପାରୁନାହାନ୍ତି। ୬କେଜି କଟନି ଛଟନିକୁ ମୁଣ୍ଡପାତି ସହିବା ସତ୍ତ୍ୱେ ମଣ୍ଡିରୁ ଧାନ ଉଠୁନାହିଁ। ମଣ୍ଡିରେ ମିଲର୍ସ ଏବଂ ଏଜେଣ୍ଟଙ୍କ ରାଜ ପଛରେ ସରକାର ଓ ମିଲର୍ସଙ୍କ କ୍ଷୀର ନିର ସମ୍ପର୍କ ମଣ୍ଡି ସମସ୍ୟାର ପ୍ରମୁଖ କାରଣବୋଲି କୁହାଯାଇଛି। କେବଳ ସେତିକି ନୁହେଁ ନର୍ଲା ଠାରେ ଲୋକମୋଟିଭ ପିରିଓଡିକାଲ ଓଭରହଲିଂ କାରଖାନା ନିର୍ମାଣର ନାଁ ଗନ୍ଧ ବାସ୍ନା କିଛି ଜଣାପଡୁନାହିଁ। ଏମିତି ତ ଡବଲଇଞ୍ଜିନ ସରକାର କୃଷି ସଂସ୍କୃତି ଓ ଶିଳ୍ପ ସଂସ୍କୃତିକୁ ହେୟଜ୍ଞାନ କରି ଆସୁଛନ୍ତି। ସମସ୍ତେ ଶାସନକୁ ଆସି ବର୍ତ୍ତମାନ ସର୍ବସ୍ୱ ନେତା ପାଲଟି ଯାଇଛନ୍ତି। ଅନ୍ୟର ଦୁଃଖକୁ ନିଜ ଦୁଃଖ ଭାବିବା ପରିବର୍ତ୍ତେ ନିଜ ଆଜସୁଖ ପ୍ରତି ଅଧିକ ସଚେତନ ହୋଇପଡ଼ିଥିବା କଥା ଅନେକ ପ୍ରକାଶ କରିଛନ୍ତି। କଳାହାଣ୍ଡିବାସୀଙ୍କ ବଞ୍ଚିବାର ସଂଘର୍ଷ ଏବଂ ବ୍ୟକ୍ତିଗତ ବିଷାଦକୁ ସରକାର ପ୍ରଥମେ ଉପଲବ୍ଧି କରନ୍ତୁ ବୋଲି ବିଭିନ୍ନ ବର୍ଗର ଲୋକମାନେ ସମ୍ବେଦନଶୀଳ ପ୍ରତିକ୍ରିୟାରେ ଜଣାଇଛନ୍ତି।



## 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ



ଭବାନୀପାଟଣା, ୧୪।୬(ସମିସ): ଓଡ଼ିଶା ସରକାର 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ କରିଛନ୍ତି। ଏନେଇ ସ୍ଥାନୀୟ ଟାଉନହଲଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ମାଧ୍ୟମରେ ଗରିବ ପରିବାରଗୁଡ଼ିକୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯିବ। ଫଳରେ ପ୍ରତ୍ୟେକ ଯୋଗ୍ୟ ବିତାଧିକାରୀ ମାସିକ ମୋଟ ୧୦ କିଲୋ ଚାଉଳ ମାଗଣାରେ ପାଇବେ। ଏଥିରେ କଳାହାଣ୍ଡି ଜିଲ୍ଲାରେ ମୋଟ ୪, ୩୨, ୪୪୮ ପରିବାରର ୧୩, ୭୪, ୨୩୭ ହିତାଧିକାରୀ ଉପକୃତ ହେବେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଜୟ କୁମାର ଦିଶାରୀ, ଯୁଗଳ କିଶୋର ପୋଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲପାଳ ତନ୍ମୟ କୁମାର ଦରୱାନ, ସିଡିଓ ତଥା ନିର୍ବାହୀ ଅଧିକାରୀ ସୋମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ବନଖଣ୍ଡ ଅଧିକାରୀ ଆର୍. କଲାଇ ଭାନ, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଭାକର ବର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ନିମ୍ନମାନର ଡ୍ରେନ୍ କାମ; ରାସ୍ତାରେ ପଡ଼ିଛି ଭଙ୍ଗା କଂକ୍ରିଟ୍

ଖଡ଼ିଆଳ, ୧୪।୬(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ସବୁଠାରୁ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଗେଟ୍ ସମ୍ମୁଖରେ ଚରମ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଦ୍ୟାଳୟର ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ବିଭିନ୍ନ ଅନାବନା ଗଛଲତା ମାଡ଼ିଯାଇ ଜଙ୍ଗଲ ଭଳି ପରିବେଶ ସୃଷ୍ଟି ହୋଇଥିବା ବେଳେ ଏଠାରେ ହୋଇଥିବା ଡ୍ରେନ୍ କିମ୍ବା ରାସ୍ତା ନାଳ



କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ, ମୁଖ୍ୟଦ୍ୱାର ନିକଟରେ ହୋଇଥିବା ନାଳ/କଂକ୍ରିଟ୍ କାର୍ଯ୍ୟରେ ପୁରୁଣା ସାମଗ୍ରୀ ବ୍ୟବହାର କରି କାମ ସାରି ଦିଆଯାଇଛି। କେବଳ ସେତିକି ନୁହେଁ, କାର୍ଯ୍ୟଶେଷ ହେବା ପରେ ସେଠାରୁ ପୁରୁଣା ଭଙ୍ଗା କଂକ୍ରିଟ୍ ଓ ଆବର୍ଜନା ଗୁଡ଼ିକୁ ସଫା କରାନଯାଇ ସେମିତି ରାସ୍ତା ଉପରେ ପକାଇ ରଖାଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ ଫାଟକ ସମ୍ମୁଖରେ ଏଭଳି ପୁରୁଣା କଂକ୍ରିଟ୍ ଗଦା ହୋଇ ରହିବା ଏବଂ ଗଛଲତା ଜମି ରହିବା ଯୋଗୁଁ ପ୍ରତିଦିନ ବିଦ୍ୟାଳୟକୁ ଆସୁଥିବା ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ମାନେ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମାନେ ଏହି ପଡ଼ି ରହିଥିବା କଂକ୍ରିଟ୍‌କୁ ତୁରନ୍ତ ହଟାଇବା ସହ ମୁଖ୍ୟ ଦ୍ୱାରର ସଫେଇ ପାଇଁ ଦାବି କରିଛନ୍ତି।

## ଓସିଏସ୍ ପାଇଥିବା ଦୁଇ ଝିଅଙ୍କୁ ସମ୍ମାନିତ କଲେ ଜିଲ୍ଲାପାଳ



କେସିଙ୍ଗା, ୧୪।୬(ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରର ଦୁଇ ସୁନାଝିଅ ଚତୁର୍ଥ ସ୍ଥାନରେ ଥିବା କନକ ଜୈନ ଏବଂ ୧୧୩ ତମ ସ୍ଥାନ ରଖିଥିବା ସଙ୍ଗୀତା ସେଠୀଙ୍କୁ ରବିବାର କେସିଙ୍ଗା ସିଟିଜନ ଫୋରମ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏନେଇ କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସରରେ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହରେ ଏକ କାର୍ଯ୍ୟକ୍ରମ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଫୋରମ୍ ସଭାପତି ଡାକ୍ତର ହେମସାଗର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରେମାନିଧି ସେଠ, କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୋରମ୍ ସମ୍ପାଦକ, ଉପସଭାପତି ସମେତ ଫୋରମ୍ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଫୋରମ୍ ସମ୍ପାଦକ ବି ଚନ୍ଦ୍ରଶେଖର ଆଚାରି ପରିଚାଳନା କରିଥିବା ବେଳେ ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଡ.ଜଗନ୍ନାଥ ପ୍ରସାଦ ଦାସ ଓ ଡ. ପଲଉ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକ ସଭା



ଭବାନୀପାଟଣା/ଧର୍ମଗଡ଼, ୧୪।୬(ସମିସ): କଳାହାଣ୍ଡିରେ ଦୁର୍ଦ୍ଦିନ ମଧ୍ୟରେ ଜୀବନ ସଂଘର୍ଷକୁ ଦେଖିଥିବା ୧୯୬୫-୬୬ ମସିହାର ଜଣେ ଯୁବ ପ୍ରଶାସକ ଡ.ଜଗନ୍ନାଥ ଦାସ ଏବଂ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ନିସ୍ୱାର୍ଥପର ସେବକ ଭାବେ ସମସ୍ତଙ୍କ ହୃଦୟରେ ରହିଥିବା ଡ.ପଲଉ ପ୍ରଧାନଙ୍କ ଅକାଳ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାରେ ଜଣେ ଦାୟିତ୍ୱସମ୍ପନ୍ନ ଜିଲ୍ଲାପାଳଭାବେ ଯୋଗଦେଇ ବିକାଶର ବୀଜବପନ କରିବା, ଏ ଜିଲ୍ଲାବାସୀଙ୍କୁ ଜୀବନ ଜୀଇଁବାର ମନ୍ତ୍ର ଶିଖେଇବା ସହିତ ନିଜ ଲେଖନୀମୁନରେ ଆଜୀବନ କଳାହାଣ୍ଡିର ସ୍ମୃତିକୁ ସାଉଁଟି ସାଇତି ରଖିଥିଲେ ବିଶିଷ୍ଟ ଲେଖକ, କବି ତଥା କଳାହାଣ୍ଡିର ତତ୍କାଳୀନ ଜିଲ୍ଲାପାଳ ଡ.ଜଗନାଥ ପ୍ରସାଦ ଦାସ। ସେହିପରି ଜିଲ୍ଲାର ଘରେ ଘରେ ସୁପରିଚିତ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପଲଉ ପ୍ରଧାନ ନିଜ ଜୀବନକାଳର ଅର୍ଦ୍ଧାଧିକ ସମୟ ଏ ଜିଲ୍ଲାର ପୀଡ଼ିତ ଶିଶୁମାନଙ୍କୁ ନିରୋଗ ଏବଂ ସୁସ୍ଥ ଓ ସୁନ୍ଦର ଜୀବନ ପାଇଁ ସଞ୍ଜୀବନୀ ପାଲଟିଥିଲେ। କଳାହାଣ୍ଡି ମାଟି ପାଇଁ ସେମାନଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଉଭୟ ବ୍ୟକ୍ତିତ୍ୱ ଜିଲ୍ଲାବାସୀଙ୍କ ସ୍ମୃତିରେ ସଂଗଠନ 'ଦି ଇନିସିଏଟିଭ' ଆୟୋଜିତ ଶୋକସଭାରେ ଅତିଥିମାନେ ସ୍ମୃତିଚାରଣ କରିବା ସହିତ ମତବ୍ୟକ୍ତ କରିଛନ୍ତି। 'ଦି ଇନିସିଏଟିଭ'ର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବାର୍ ଆସୋସିଏସନର ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ମାନିତଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଡ. ପରମେଶ୍ୱର ମୁଣ୍ଡ, ଶିକ୍ଷାବିତ ଝସକେତନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ସଭା ପରିଚାଳନା କରିଥିବାବେଳେ ଦି ଇନିସିଏଟିଭର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ ଶେଷସ୍ୱର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଗାଳ୍ପିକ ସୁକାନ୍ତ ସାହୁ, ସ୍ୱାଗତ ଆଇଟିସିର ଅଧ୍ୟକ୍ଷା ପ୍ରୀତି ପଟ୍ଟନାୟକ, ଶିକ୍ଷାବିତ ବେଦବ୍ୟାସ ପ୍ରଧାନ, ଦି ଇନିସିଏଟିଭର ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ, ସମାଜ ସଂଗଠକ କୃଷ୍ଣଚନ୍ଦ୍ର ପ୍ରଧାନ, ସରୋଜ ବୁଦ୍ଧିଆ, ସଞ୍ଜୀବ ପାଢ଼ୀ, ବିଦ୍ୟାଧର ସାହୁ, ପ୍ରବୀଣ କୁମାର ପଣ୍ଡା, ହେମନ୍ତ ସାହୁ, ଅନୀତା ବିଶ୍ୱାଳ, ଟି. ସୁଜାତା ଆଚାରୀ, ଦେବସ୍ମିତା ପୂଜାରୀ, ଦୁଷ୍ମନ୍ତ ପ୍ରଧାନ, ଡଙ୍ଗରଗଡ଼ ସୁରକ୍ଷା ପରିଷଦରୁ ମହେନ୍ଦ୍ର ବାଗ, କୀର୍ତ୍ତନ ମାଝୀ, ଜଗନ୍ନାଥ ଶବର, କମଳ ମାଝୀ, ମଗଶିର ମାଝୀ ପ୍ରମୁଖ ଉଭୟ ବ୍ୟକ୍ତିତ୍ୱଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି, ଲେଖକ, ଗାଳ୍ପିକ ତଥା ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

ସେହିପରି ଧର୍ମଗଡ଼ଠାରେ ସ୍ମୃତି ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଡା. ଅଜିତ କୁମାର ନେଗୀ, ଡା. ବାବାଜୀ ଚରଣ ଦାସ, ଗାୟତ୍ରୀ ପରିବାରର ସୁରେଶ ଚନ୍ଦ୍ର ମୁଣ୍ଡ, ଯାଦବସଂଘ ସଭାପତି ଡମ୍ବରୁଧର ଲହଜଲ, ବରିଷ୍ଠ ନାଗରିକ ସଂଘର ଗୁଣନିଧି ମାଝୀ, ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁ, ଅରୁଣ କୁମାର ତାୟଲ, ସାମାଜିକ କର୍ମୀ ହୃଷିକେଶ ମିଶ୍ର, ମୁସଲିମ ଜମାତ ସଭାପତି ରଫି ଉଦ୍ଦିନ ଖାଁ, ଆଇନଜୀବୀ ରାଜେନ୍ଦ୍ର ମୁନି, ସହ ଗୋଷ୍ଠୀ ଶିକ୍ଷାଧିକାରୀ, ହେମନ୍ତ କୁମାର ପଣ୍ଡା ଓ ରାଜେନ୍ଦ୍ର ଦୁରିଆ, ବିଶ୍ୱଜିତ ବେହେରା, ଅଧ୍ୟାପକ ଲିଙ୍ଗରାଜ ପାତ୍ର, ବଙ୍କିମ ମୁଣ୍ଡ, ସରୋଜ ପଣ୍ଡା, ଏସ୍‌ଜୟ କୁଟ୍ଟୀ, ବଙ୍କିମ ସାଗର, ଲୋକନାଥ ବେହେରାଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ।

# ଲଘୁ ବନଜାତ ଦ୍ରବ୍ୟର ମିଳୁନି ସରକାରୀ ମୂଲ୍ୟ

## ନିମ୍ବ ଫଳ ବଦଳରେ ମିଳୁଛି କେଜିଏ ଚିନି କି ଲୁଣ

କୋକସରା, ୧୪।୬(ସମିସ)

ପ୍ରକୃତିର ଅନନ୍ୟ ବରଦାନ 'ଔଷଧୀୟ ନିମ୍ବଫଳ' ଏବେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଗରିବ ଆଦିବାସୀ ଓ ମହିଳାମାନଙ୍କ ପାଇଁ ସାମୟିକ ଭାବେ ଜୀବନଜୀବିକାର ପ୍ରମୁଖ ସାଧନ ସାଜିଛି। ହେଲେ ସରକାରୀ ଉଦାସୀନତା ଓ ସୁଦୃଢ଼ ବଜାର ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ମୂଲ୍ୟବାନ ଲଘୁ ବନଜାତ ଦ୍ରବ୍ୟ ଏବେ ଅସାଧୁ ମଧ୍ୟସ୍ଥିଙ୍କ ପାଇଁ ଭଲ ମୁନାଫା ପାଇବାର ଦିନ ପାଲଟିଛି। ମାତ୍ର କେଜିଏ ଚିନି-ଲୁଣରେ ବିକୁଛନ୍ତି ନିମ୍ବଫଳ, ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଥିବାରୁ ବଡ଼ପୋଡ଼ାଗୁଡ଼ା, କାଉଡୋଲା, ଆମପାଣି, ବରାଡଙ୍ଗା ଭଳି ପ୍ରାୟ ୧୦ରୁ ଅଧିକ ଗ୍ରାମର ମହିଳା ଓ ସ୍କୁଲ ପିଲାମାନେ ମଧ୍ୟ ପ୍ରଖର ଖରାକୁ ଖାତିର ନକରି ସକାଳୁ ସକାଳୁ



ନିମ୍ବଫଳ ଗୋଟାଇବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ବଜାରରେ ନିମ୍ବର ବେଶ୍ ଚାହିଦା ଥିଲେ ହେଁ, ସରକାରୀସ୍ତରରେ କୌଣସି ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ହୋଇନାହିଁ। ଏହାର ସୁଯୋଗ ନେଇ ସ୍ଥାନୀୟ ଦଲାଲମାନେ ଗାଁ ଗାଁ ବୁଲି ମାତ୍ର ଏକ ଟିଣ (ଟିପା) ନିମ୍ବଫଳ ବଦଳରେ ଗରିବ ମହିଳାଙ୍କୁ କେଜିଏ ଚିନି, ଲୁଣ କିମ୍ବା ସାବୁନ ଦେଇ ଭୁଆଁ ବୁଲାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ କୌଣସି ସରକାରୀ ମଣ୍ଡି ନ ଥିବାରୁ ଦଲାଲମାନେ ଏହି ବିପୁଳ ପରିମାଣର ନିମ୍ବଫଳକୁ ଅତି ଶସ୍ତାରେ କିଣି ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବିଭିନ୍ନ ଫାର୍ମାସ୍ୟୁଟିକାଲ୍ କମ୍ପାନୀକୁ ଚୋରାରେ ରପ୍ତାନୀ କରୁଛନ୍ତି। ଗରିବ ସଂଗ୍ରହକାରୀ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ମଧ୍ୟସ୍ଥିମାନେ ମାଲେମାଲ ହେଉଛନ୍ତି। ଏହି ବେଆଇନ କାରବାର ରୋକିବା ସହ ସଂଗ୍ରହକାରୀଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ସରକାରୀ ବଜାର ବ୍ୟବସ୍ଥା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି। ଅନ୍ୟପଟେ ଲଘୁ ବନଜାତ ଦ୍ରବ୍ୟ ବିକ୍ରି କରିବାକୁ ସରକାରୀସ୍ତରରେ ଉପଯୁକ୍ତ ବଜାର ବ୍ୟବସ୍ଥା କରାଯାନ୍ତା ତେବେ ଦଲାଲମାନଙ୍କ ଶିକାର ହେବାରୁ ବଞ୍ଚିତ ହୋଇ ଗୋଟାଳି ମାନେ ତାଙ୍କର ଉଚିତ୍ ପ୍ରାପ୍ୟ ପାଇ ପାରନ୍ତେ ବୋଲି ଜନ ସାଧାରଣରେ ଦାବି ହେଉଛି।

## ଖଇରପଦର ମଣ୍ଡିରେ ପଡ଼ିରହିଛି ୫୦ ହଜାର ବସ୍ତା ଧାନ

ଧର୍ମଗଡ଼, ୧୪।୬(ସମିସ): କଳାହାଣ୍ଡି ଜିଲ୍ଲାରେ ଚଳିତ ରବିଋତୁ ପାଇଁ ମେ' ୨୦ ତାରିଖରୁ ଧାନ କ୍ରୟ ଆରମ୍ଭ ହୋଇଛି। ଆରମ୍ଭରୁ ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି। ମୁଖ୍ୟତଃ ମନ୍ଥର ଗତିରେ ଧାନ ଉଠାଣକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷୀଙ୍କ ଅସନ୍ତୋଷକୁ ନେଇ ଏବେ ବିଜେଡି ଆନ୍ଦୋଳନ ଧମକ ଦେଇଛି। ଧାନ ଉଠାଣ ତ୍ୱରାନ୍ୱିତ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଡାକେ ଲହଜଲ ଚେତାବନୀ ଦେଇଛନ୍ତି।

**ଧାନ ଉଠାଣ ତ୍ୱରାନ୍ୱିତ ନ ହେଲେ ଆନ୍ଦୋଳନ**

ସୂଚନା ଅନୁଯାୟୀ, ଧର୍ମଗଡ଼ ବ୍ଲକ ଅଧୀନ ଖଇରପଦର ମଣ୍ଡିରେ ଧାନ ଉଠାଣ ତ୍ୱରାନ୍ୱିତ ହେଉନାହିଁ। ମଣ୍ଡି ଆରମ୍ଭ ରୁ ହିଁ ଟାର୍ଗେଟକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ



କାଳବୈଶାଖୀ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ପାକ୍ସ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ ଚଳିତ ରବି ଋତୁ ରେ ଖଇରପଦର ମଣ୍ଡିରେ ଖଇରପଦର ଓ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତର ଧାନ ବିକ୍ରୟ ପାଇଁ ୬୬୦ ଜଣ ଚାଷୀ ଅନଲାଇନ୍ ପଞ୍ଜୀକରଣ କରିଛନ୍ତି। ଟୋକନ ପାଇଥିବା ଚାଷୀମାନେ ମଣ୍ଡିରେ ଧାନ ଗଦା କରି ଖରାବର୍ଷାରେ ଧାନକୁ ଜଗି ରହିଛନ୍ତି। କେବେ ଧାନ ଉଠିବ ସେହି ଚିନ୍ତାରେ ଚାଷୀ ଅଛନ୍ତି। ମଣ୍ଡିରେ ୩୪୯ ଜଣ ଚାଷୀଙ୍କ ୪୯, ୭୩୭ ବସ୍ତା ଧାନ ମଣ୍ଡିରେ ପଡ଼ି ରହିଛି। ଏହିମଣ୍ଡି ସହିତ ୯ଟି ମିଲରକୁ ଟ୍ୟାଗ୍ କରା ଯାଇଥିବା ବେଳେ ଗତ ୧୨ ତାରିଖ ସୁଦ୍ଧା ମାତ୍ର ୧୮୨ ଜଣ ଚାଷୀ ଙ୍କ ୧୨, ୧୯୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ତେବେ ମନ୍ଥର ଗତିରେ ଧାନ ଉଠାଣକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ବିଜେଡି ବ୍ଲକ ସଭାପତି ଡାକେ ଲହଜଲ, କ୍ଷେତ୍ର ମୋହନ ସତନାମୀ, ଗୁଣ ଶବର, ତୁଷାର କଟା ପ୍ରମୁଖ ମଣ୍ଡି ପରିଦର୍ଶନ ସହ ଧାନ ଉଠାଣ ବଢ଼ାଇବା ପାଇଁ ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମାହେଶ୍ୱରୀ ସଂଗଠନର ବାର୍ଷିକ ଉତ୍ସବ

# ଏହା ଏକ ନାମ ନୁହେଁ; ସେବାର ଜୀବନ୍ତ ପ୍ରତୀକ

ତରଭା, ୧୪।୬(ସମିସ)



ଅର୍ଚ୍ଚନା ଓ ପଦ୍ମଶ୍ରୀ ଖଟେଇଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ମାହେଶ୍ୱରୀ ସଂଗଠନ କେବଳ ଏକ ନାମ ନୁହେଁ, ଏହା ହେଉଛି ଅଞ୍ଚଳରେ ସେବାର ଏକ ଜୀବନ୍ତ ପ୍ରତୀକ। ଦୁଃଖୀ, ଅନାଥ ଓ ବେସାହାରା ମଣିଷ ମୁହଁରେ ହସ ଫୁଟାଇବା, ସମାଜର ଅନ୍ଧକାର ଦୂରକରିବା ପାଇଁ ସଂଗଠନର ସଦସ୍ୟମାନେ ଯେଭଳି ନିଃସ୍ୱାର୍ଥପର ସେବା କରୁଛନ୍ତି ପ୍ରକୃତରେ ତାହା ପ୍ରେରଣା ଦାୟକ। ସଂଗଠନର ସମସ୍ତ ସ୍ୱେଚ୍ଛାସେବୀଙ୍କ ପରିଶ୍ରମ, ତ୍ୟାଗ ଓ ନିଷ୍ଠା ପାଇଁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିବା ସହ ସଂଗଠନ ଅଞ୍ଚଳର ପ୍ରତିଟି ଗ୍ରାମ ଓ ଗରିବ ପରିବାର ନିକଟକୁ ସେବାର ଆଲୋକ ପହଞ୍ଚାଉ ବୋଲି ଶନିବାର ଏକ ମନୋଜ୍ଞ ସନ୍ଧ୍ୟାରେ ତରଭାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନର ପଞ୍ଚମ ବର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ସୋନପୁର ଏସ୍‌ପି ନାରାୟଣ ନାୟକ ଏଭଳି କହିଥିଲେ। ତରଭା ବାଳକହାଇସ୍କୁଲ ଖେଳପଡ଼ିଆରେ ମାହେଶ୍ୱରୀ ସଂଗଠନ ତରଭାର ସଭାପତି ପ୍ରଦୀପ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସୋନପୁରର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ବଲାଙ୍ଗିର ମାହେଶ୍ୱରୀ ସଂଗଠନର ନିର୍ଦ୍ଦେଶକ ଅଙ୍କୁଶ ପଣ୍ଡିଆ ଓ ସଭାପତି ଶୋଭନ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ମାହେଶ୍ୱରୀ ସଂଗଠନର ସେବା ମନୋଭାବର ଭୁୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ତରଭା ମାହେଶ୍ୱରୀ ସଂଗଠନର ପ୍ରତିଷ୍ଠାତା ସଭ୍ୟା କଲ୍ପଲତା ମେହେର, ସଭ୍ୟ ଦୀନବନ୍ଧୁ ବାଘ, ବିଜ୍ଞାନ ମିଶ୍ର, ରିଙ୍କୁ ବଗର୍ତ୍ତି, ସତ୍ୟଜିତ ହାତୀ, ଆଶିଷ ବାରିକ, ରିଙ୍କୁ ମେହେର, ସୋମ ମେହେର, ସୁବର୍ଣ୍ଣପୁର ଜିଲ୍ଲାର ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ବୁଢା ଡଙ୍ଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଧ୍ୟାପକ ବିଜୟ କୁମାର ମିଶ୍ର ଓ ସ୍ୱଚ୍ଛଭାରତ ସଂଗଠନ ସୋନପୁରର ସଭାପତି ଅଲ୍ଲାମୂଳ ଇସଲାମ ଓ ସଦସ୍ୟ ମାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।ଏହା ବ୍ୟତୀତ ୧୨ ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର, ୧୨ ଜଣଙ୍କୁ ଆଶାବାଡ଼ି ଓ ୧୨ ଜଣଙ୍କୁ ଅଣ୍ଟାରେ ଭିଡ଼ିବା ପାଇଁ ବେଲ୍ଟ ପ୍ରଦାନ କରାଯାଇଥିଲା। ପରେ ଡାକ୍ତର ଅର୍ଚ୍ଚନା ପାଢ଼ୀ, ପଦ୍ମଶ୍ରୀ ଖଟୁଆ ଓ ସାଥୀଙ୍କ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଝୁମିଥିଲେ। ଉଦ୍‌ଘୋଷକ ମାନଭଞ୍ଜନ ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ● ରଣମାଲ ମଣ୍ଡିରେ ଚାଷୀଙ୍କ ଧାରଣା

# ବିଧାୟକ ଓ ପ୍ରଶାସନର ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଜୟପାଟଣା, ୧୪।୬(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅଧୀନ ରଣମାଲ ମଣ୍ଡିରେ ଧାନ ଉଠାଣରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଚାଷୀମାନେ ଗତ ମେ' ୨୦ ତାରିଖରୁ ଟୋକନ୍ ପାଇଥିଲେ ମଧ୍ୟ ଏଠାରେ ଅତି ମନ୍ଥର ଗତିରେ ଧାନ କିଣା ଚାଲିଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ଉଦାସୀନତା, ମିଲର୍ସଙ୍କ ସହଯୋଗର ଅଭାବ ଏବଂ ମଣ୍ଡିରେ ଦଲାଲ୍ ରାଜ୍‌କୁ ବିରୋଧ କରି ଶେଷରେ ଚାଷୀମାନେ ଧାରଣାକୁ ଓହ୍ଲାଇଥିଲେ। ଜୁନାଗଡ଼ ବିଧାୟକ ତଥା ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ଏବଂ ପ୍ରତିଶ୍ରୁତି ପରେ ବର୍ତ୍ତମାନ ଆନ୍ଦୋଳନ ସ୍ଥଗିତ ରହିଛି।



ସୂଚନା ଅନୁଯାୟୀ, ଚଳିତବର୍ଷ ରଣମାଲ ମଣ୍ଡିରେ ପ୍ରାୟ ୮୦୦ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଏଠାରୁ ପ୍ରାୟ ୪୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୨୪୦ ଜଣ ଚାଷୀଙ୍କ ଠାରୁ ୧୩ ହଜାର କ୍ୱିଣ୍ଟାଲ ଧାନ ଉଠାଯାଇଛି। ଅନ୍ୟପଟେ, ୧୦ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଏବେ ବି ମଣ୍ଡିରେ ପଡ଼ିରହିଛି। ଉକ୍ତ ମଣ୍ଡି ସହିତ ପାଞ୍ଚଗୋଟି ରାଇସ୍ ମିଲ୍ ଟ୍ୟାଗ୍ ହୋଇଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାୟ ୨୧ ହଜାର କ୍ୱିଣ୍ଟାଲ୍ ଧାନ ଉଠାଇବାକୁ ଟାର୍ଗେଟ୍ ଥିଲା। ବର୍ତ୍ତମାନ ୮ ହଜାର କ୍ୱିଣ୍ଟାଲର ଟାର୍ଗେଟ୍ ଥିଲେ ମଧ୍ୟ ମଣ୍ଡିକୁ ଆବଶ୍ୟକ ମୁତାବକ ଟ୍ରକ୍ ଆସୁନାହିଁ। ଯାହାଫଳରେ ଚାଷୀମାନେ ଦିନ ଦିନ ଧରି ମଣ୍ଡିରେ ପଡ଼ି ରହି ହଇରାଣ ହେଉଛନ୍ତି। ଏହା ସହିତ ମଣ୍ଡିରେ ଶ୍ରମିକଙ୍କ ଶୋଷଣ, ବସ୍ତା ଅଭାବ ଏବଂ ଦଲାଲ୍‌ରାଜ୍ ଚାଲିଥିବା ନେଇ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି।ଚାଷୀଙ୍କ ଆନ୍ଦୋଳନ ଖବର ପାଇ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଧାରଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସମସ୍ୟା ବୁଝିବା ସହ ସମବାୟ ବିଭାଗ ଓ ମିଲର୍ସଙ୍କ ସହ ସଙ୍ଗେ ସଙ୍ଗେ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ବିଧାୟକଙ୍କ କଡ଼ା ଆଭିମୁଖ୍ୟ ପରେ ତୁରନ୍ତ ମଣ୍ଡିକୁ ଟ୍ରକ୍ ପଠାଯାଇଥିଲା।ଏହାପରେ ଧର୍ମଗଡ଼ ସମବାୟ ନିବନ୍ଧକ, ଅତିରିକ୍ତ ଯୋଗାଣ ଅଧିକାରୀ, ଜୟପାଟଣା ଯୋଗାଣ ନିରୀକ୍ଷକ ଏବଂ ଗୁନଗୁନିଆ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ହଟିଥିଲେ।

# ଅବ୍ୟବସ୍ଥା ଘେରରେ ହରିହର ଯୋର ଫାଣ୍ଡି

ବୀରମହାରାଜପୁର, ୧୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ହରିହର ଯୋର ଫାଣ୍ଡି ଏହି ଅଞ୍ଚଳର ୫ ଟି ଗ୍ରାମ ପଞ୍ଚାୟତ ସମଗ୍ର ୫୨ଟି ଗ୍ରାମବାସୀଙ୍କୁ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ ରହିଛି।୧୯୮୧ ମସିହାରୁ ସ୍ଥାପିତ ଏହି ଫାଣ୍ଡିରେ କିନ୍ତୁ ଆବଶ୍ୟକ ପୁଲିସ କର୍ମଚାରୀ ନାହାନ୍ତି। ଫାଣ୍ଡିରେ ଜଣେ ମାତ୍ର ଏସ୍‌ଆଇ ଥିବା ବେଳେ ୬ ଜଣ କନଷ୍ଟେବଲଙ୍କ ଜାଗାରେ ଅଛନ୍ତି ମାତ୍ର ୩ ଜଣ। ସେହିପରି ଏଠାରେ ୬ ଜଣ ହୋମ୍‌ଗାର୍ଡ ରହିବାର ବ୍ୟବସ୍ଥା ଥିଲେ ବି ଅଛନ୍ତି ମାତ୍ର ୩ ଜଣ କେବଳ କର୍ମଚାରୀ ଅଛନ୍ତି। ପ୍ରାୟ ସବୁଦିନ ସନ୍ଧ୍ୟା ହେଲେ ଫାଣ୍ଡିରେ ତାଲା ପଡେ। ଲୋକେ ଅଭିଯୋଗ ପାଇଁ ଆସି ନିରାଶ ହୋଇ ଫେରନ୍ତି। ଭଙ୍ଗା ଦଦରା ଅବସ୍ଥାରେ ଫାଣ୍ଡିଟି ଥିବାବେଳେ ଏଠାରେ ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଶୌଚାଳୟଟିଏ ମଧ୍ୟ ନାହିଁ। ଉପଯୁକ୍ତ କୋଠା ନଥିବାରୁ ଦିନ ବେଳା ଆସୁଥିବା ଅଭିଯୋଗକାରୀ ଟାଣ ଖରାରେ ଗଛମୂଳେ ଆଶ୍ରୟ ନିଅନ୍ତି। ଶୋଷ ହେଲେ ୫ଶହ ମିଟର ଦୂରରେ ଥିବା ଦୋକାନକୁ ଯିବାକୁ ପଡ଼ିଥାଏ। କର୍ମଚାରୀ କମ୍ ଥିବାରୁ ସ୍ଥାନୀୟ ଅଞ୍ଚଳରେ କୌଣସି ଅପରାଧ ଘଟିଲେ ପୁଲିସ ସେଠାରେ ପହଞ୍ଚି ପାରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଏହି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କାକୁ ନେଇ ଲୋକେ ଅସୁରକ୍ଷିତ ମଣୁଛନ୍ତି। ସରକାରଙ୍କ ପକ୍ଷରୁ ଜମି ଯୋଗାଇ ଦେଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଫାଣ୍ଡି ତିଆରି ହୋଇ ପାରୁ ନାହିଁ କାହିଁକି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି ଓ ଏନେଇ ସୋନପୁର ଏସ୍‌ପି ନାରାୟଣ ନାୟକଙ୍କୁ ପଚାରିବାରୁ ଉକ୍ତ ସମସ୍ୟା ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଛୁ ବୋଲି କହିଛନ୍ତି।

## ଉଦ୍‌ଘାଟନ ପରେ ବନ୍ଦ୍ ପଡ଼ିଛି ଅମୃତ ଧାରା

# ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

ବୀରମହାରାଜପୁର, ୧୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅଧୀନ ରଥପୁର ମୁଖ୍ୟ ଛକ ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ଅମୃତ ଧାରା ଉଦ୍‌ଘାଟନ ପରେ ବନ୍ଦ ହୋଇଥିବା ଦେଖିବାକୁ ମିଳିଛି। ଜନସାଧାରଣଙ୍କୁ ଥଣ୍ଡା ପାଣି ଯୋଗାଇ ଦେବା ଉଦ୍ଦେଶ୍ୟରେ ଉକ୍ତ ସ୍ଥାନରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାବ୍ୟୟରେ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଥିଲା। ହେଲେ କାହିଁକି କେଉଁ କାରଣରେ ଉକ୍ତ ପ୍ରକଳ୍ପଟି ବନ୍ଦ ରଖାଯାଇଛି ତାହା ଜଣା ପଡ଼ିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଯୋଗୁଁ ଏହି ପ୍ରକଳ୍ପ ଅଚଳ ହୋଇଥିବା କହିଛନ୍ତି। ଗତ ନଭେମ୍ବର ୧୫ ତାରିଖରେ ସ୍ଥାନୀୟ ବିଧାୟକ ଲୋକଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ହେଲେ ସେହିଦିନଠାରୁ ସ୍ଥାନୀୟଲୋକେ ପାଣି ବୁନ୍ଦାଏ ଏଠାରୁ ପାଇପାରି ନାହାନ୍ତି। ଏହି ଛକ ଉପରେ ପ୍ରତ୍ୟହ ବହୁ ଜନସାଧାରଣ ବିଭିନ୍ନ ସ୍ଥାନରେ କୁ ଯିବାଆସିବା ପାଇଁ ଯାନବାହାନ କୁ ଅପେକ୍ଷା କରିଥାନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପିଇବାପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଅଧିକ ଜାଣିବା ପାଇଁ ଯୋଗାଯୋଗ କଲେ ମଧ୍ୟ ଫୋନ ଉଠାଉ ନାହାନ୍ତି। ଏବେ ଗ୍ରୀଷ୍ମ ଦିନ ଭଳି ଉତ୍ତପ ବୃଦ୍ଧି ପାଉଥିବାରୁ ପାନୀୟ ଜଳର ଆବଶ୍ୟକତା ରହୁଥିବାବେଳେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଉକ୍ତ ପ୍ରକଳ୍ପ କୁ କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ଫଳ ମିଳିପାରି ନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।



# ଅଜଣା ଲୋକଙ୍କୁ ନେଇ ଆତଙ୍କ

ମନମୁଣ୍ଡା, ୧୪।୬(ସମିସ): ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ସଦର ମହକୁମାରେ ଅଜଣା ଲୋକଙ୍କ ଚଳାଚଳକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିବା ଜାଣିବାକୁ ମିଳିଛି। ମନମୁଣ୍ଡା ଥାନାଠାରୁ ପ୍ରାୟ ୨୭ କିମି ଦୂରରେ ଜଙ୍ଗଲ, ପାହାଡ଼ ଘେରାରେ ଏହା ଅଧୀନରେ ଶଗଡ଼ା ଫାଣ୍ଡି ରହିଛି। ଶଗଡ଼ା ଏବଂ ଗୁଦ୍ଦୁଲିଆ ପଞ୍ଚାୟତ କନ୍ଧମାଳ ସୀମାକୁ ଲାଗି ରହିଛି। ସେହି ରାସ୍ତା ଜଙ୍ଗଲ ଓ ପାହାଡ଼ ଏବଂ ମାଓବାଦୀଙ୍କ ଆଡ୍ଡାସ୍ଥଳୀ ଥିଲା। ଅନେକ ସମୟରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ମଧ୍ୟ ହୋଇଥିଲା ଓ ପୁଲିସ ଅନେକ ମାଓବାଦୀଙ୍କ ଅନେକ ବନ୍ଧୁକ, ଗୁଳି ଇତ୍ୟାଦି ଜବତ ମଧ୍ୟ କରିଥିଲା। ସେହିପରି ଉକ୍ତ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ହୁଏ ଏବଂ ସେନେଇ ଉକ୍ତ ଅଞ୍ଚଳ କୁଖ୍ୟାତି ଲାଭ କରିଛି। ଅନ୍ୟ ପକ୍ଷରେ ରାହାଜାନୀ, ଲୁଣ୍ଠନ, ହତ୍ୟା ଇତ୍ୟାଦି ଅନେକ ଅପରାଧିକ କାର୍ଯ୍ୟକଳାପ ଉକ୍ତ ଅଞ୍ଚଳରେ ଦେଖାଦେଇଥାଏ। କିଛି ଦିନ ହେବ କେତେକ ଅଜଣା ବ୍ୟକ୍ତି ଉକ୍ତ ଅଞ୍ଚଳରେ ଯିବା ଆସିବା କରୁଥିବା, ସେମାନେ ଶଗଡ଼ା ମୁଖ୍ୟ ରାସ୍ତାରେ ବାଇକ୍, ଚାରିଚକିଆ ଓ ହାଇୱା ଗାଡ଼ି ଅତି ଦ୍ରୁତ ଓ ବେପରୁଆ ଭାବେ ଚଳାଇ ଯାଉଛନ୍ତି ଏବଂ ଅତି କର୍କଶ ହର୍ନ ମାରୁଥିବାରୁ ପଥଚାରୀ, ଅନ୍ୟ ବାଇକ୍ ଓ ସାଇକେଲ ଆରୋହୀ ଚମକି ଦୁର୍ଘଟଣାର ସମ୍ମୁଖୀନ ଅଭିଯୋଗ ହୋଇଛି। ରାତିରେ ଅସାମାଜିକ ଲୋକମାନେ ରାସ୍ତା କଡ଼ରେ ମଦ ବୋତଲ ଓ ଚାଖନା ପକାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଶନିବାର ରାତ୍ରରେ ଶଗଡ଼ା ବଣିକ ସଂଘ ସଭାପତି ଜିତେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସଭା କରାଯାଇଥିଲା। ଉକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ଅଙ୍କୁଶ ଲଗାଇବା ଓ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପୁଲିସ ପାଟ୍ରୋଲିଂକୁ କଡାକଡି କରାଯିବାକୁ ମତ ପ୍ରକାଶ ପାଇଥିଲା। ସେନେଇ ବଣିକ ସଂଘ ତରଫରୁ ଶଗଡ଼ା ଫାଣ୍ଡି ଅଧିକାରୀ ନରସିଂହ ମହାପାତ୍ରଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

# ସୋମନାଥ ସ୍ୱାଭିମାନ ଯାତ୍ରା ଶୁଭାରମ୍ଭ



ତରଭା, ୧୪।୬(ସମିସ): ଭାରତ ସରକାରଙ୍କ ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା-୨୦୨୬ ଅଧୀନ ସୁବର୍ଣ୍ଣପୁର ଜିଲ୍ଲାର ୩୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ରବିବାର ଜିଲ୍ଲା ସଂସ୍କୃତି ଭବନଠାରୁ ଏକ ସ୍ୱତନ୍ତ୍ର ବସ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟସ୍ଥିତ ପ୍ରସିଦ୍ଧ ସୋମନାଥ ମନ୍ଦିର ଦର୍ଶନ ପାଇଁ ଯାତ୍ରା କରିବେ। ଯାତ୍ରା ସମୟରେ ସେମାନଙ୍କର ସୁବିଧା, ସୁରକ୍ଷା ଓ ସହାୟତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାରୁ ୩ ଜଣ ଏସ୍କର୍ଟ ମଧ୍ୟ ସେମାନଙ୍କ ସହ ଭୁବନେଶ୍ୱରକୁ ଯାତ୍ରା କରୁଛନ୍ତି। ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ତୀର୍ଥଯାତ୍ରୀମାନଙ୍କୁ ଦେଶର ପ୍ରମୁଖ ଧାର୍ମିକ ସ୍ଥଳ ପରିଦର୍ଶନର ସୁଯୋଗ ପ୍ରଦାନ କରାଯାଉଛି। ଏହି ତୀର୍ଥଯାତ୍ରୀ ମାନେ ଆସନ୍ତା ୨୧ ଜୁନ୍‌ରେ ପ୍ରତ୍ୟାବର୍ତ୍ତନ କରିବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ବହୁ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଓ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବଜାରରେ ବଢୁଛି ପୁରନୀ କନ୍ଦାର ଆଦର

ବୀରମହାରାଜପୁର, ୧୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଦୈନିକ ବଜାରରେ ପାରମ୍ପରିକ ଖାଦ୍ୟ ପୁରନୀ କନ୍ଦା ବହୁତ ଚାହିଦା ରହିଛି। ପଦ୍ମଫୁଲ ଏକ ଜଳଜ ଉଦ୍ଭିଦ ହୋଇଥିବା ବେଳେ ଏହାର ଯେଉଁ ଅଂଶ ମାଟି ଭିତରେ ଥାଏ ତାହାକୁ ପୁରନୀ କନ୍ଦା କୁହାଯାଏ। ବର୍ତ୍ତମାନ ଯେଉଁ ପଦ୍ମ ପୋଖରୀ ଶୁଖିଯାଏ ସେଠାରେ ମାଟିଖୋଳି ଏହାକୁ ସଂଗ୍ରହ କରାଯାଏ। ପ୍ରାୟ ଏକ ଇଞ୍ଚରୁ ଦେଢ଼ ଇଞ୍ଚ ବ୍ୟାସ ବିଶିଷ୍ଟ ଟ୍ୟୁବ୍ ଆକୃତି ଈଷତ ମାଟିଆ ରଙ୍ଗର ଏହି ଲମ୍ବାଳିଆ ପଦାର୍ଥ ଖାଦ୍ୟ ରୂପରେ ମଧ୍ୟ ବ୍ୟବହାର କରାଯାଏ। ସ୍ଥାନୀୟ ବଜାରରେ ପ୍ରାୟ ୧ ଫୁଟ ଲମ୍ବର ୬ ରୁ ୭ ଖଣ୍ଡ ପୁରନୀ କନ୍ଦା ବିଡା ପ୍ରତି ୨୦ ରୁ ୩୦ ଟଙ୍କା ରେ ବିକ୍ରି ହେଉଛି।



ଯାହାର କେଜି ପ୍ରତି ୧୦୦ ଟାଙ୍କ ମୂଲ୍ୟ ରେ ବିକ୍ରି ହେଉଛି। ଏହା ପଡୋଶୀ ଜିଲ୍ଲାକୁ ମଧ୍ୟ ସ୍ଥାନୀୟ ବଜାରରୁ ବେପାରୀମାନେ ଆସି ବିକ୍ରି ପାଇଁ ନେଇଥାନ୍ତି। ଗ୍ରୀଷ୍ମ ଋତୁରେ ଗାଡିଆ ପୋଖରୀ ପାଣି ଶୁଖିଯିବା ପରେ ଏହା ମିଳିବା ଆରମ୍ଭ ହୋଇଥାଏ। ଗ୍ରୀଷ୍ମ ଋତୁରେ ଶେଷ ଆଡକୁ ଏହା ଅପେକ୍ଷାକୃତ ଅଧିକ ପରିମାଣରେ ମିଳିଥାଏ। ଫଳରେ ସଂଗ୍ରାହକାରୀଙ୍କ ଭଲ ରୋଜଗାର ମାଧ୍ୟମ ପାଲଟିଛି। ଏହାକୁ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର କୈଶଳର ଆବଶ୍ୟକତା ରହିଥାଏ। ଦେଶୀ ତଥା ଶୌଖୀନ ଖାଦ୍ୟ ପ୍ରିୟ ଲୋକେ ଏହାକୁ ରୋଷେଇ କରି ସ୍ୱାଦିଷ୍ଟ ବ୍ୟଞ୍ଜନ ଭାବେ ମୁଖ୍ୟ ଖାଦ୍ୟ ସହିତ ଗ୍ରହଣ କରିଥାନ୍ତି। ବର୍ତ୍ତମାନ ଜୈବିକ ଏବଂ ପାରମ୍ପରିକ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢୁଥିବା ବେଳେ ପୁରନୀ କନ୍ଦା ପ୍ରତି ମଧ୍ୟ ଲୋକଙ୍କ ଆଦର ଢେର ବଢୁଛି।

# ଗୁରୁବୁଢାରେ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ମହାସଭା

ଶଗଡ଼ା, ୧୪।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ ଗୁରୁବୁଢ଼ାଠାରେ ବ୍ରାହ୍ମଣ ସମାଜ ମହାସଭା ଅନୁଷ୍ଠିତ ହୋଇ ଯାଇଛି। ମନମୁଣ୍ଡା ସମାଜର ସଭାପତି ବିଜୟ କୁମାର ତ୍ରିପାଠୀ, ସଦସ୍ୟ ଚନ୍ଦ୍ରଶେଖର ରଥ, ଗୁଡଭେଲି ପଦର ସମାଜର ସମ୍ପାଦକ ସୁଶୀଲ କୁମାର ମିଶ୍ର, ଉପଦେଷ୍ଟା ସଦସ୍ୟ ସତ୍ୟନାରାୟଣ ପଣ୍ଡା, ଯଦୁନାଥ ମିଶ୍ର, ପ୍ରମୁଖ ଉପସ୍ଥିତ ଥି। ଗୁରୁବୁଢା ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ସମାଜର ସୁପରିଚାଳନା ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସମାଜର ସଭାପତି ଭାବରେ ସନାତନ ଦାସ, ସମ୍ପାଦକ ସନାତନ ଦାସ ଉପସଭାପତି ଗୋପବନ୍ଧୁ ଦାସ ସହସମ୍ପାଦକ ପ୍ରତ୍ୟୁଷ ହୋତା, କୋଷାଧ୍ୟକ୍ଷ ଚମରା ପ୍ରସାଦ ଦାସଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବରେ ଉମେଶ ହୋତା, ସୁଶୀଲ ଚାନ୍ଦ, ବିଚିତ୍ରଭାନୁ ପଣ୍ଡା, ଡମନ ଦାସ, ଜଗଦିଶ ଦାସ, ସୋହନ ମିଶ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ସୀତାରାମ ଦାସ ଲବଣି ମିଶ୍ର, କରୁଣା ମିଶ୍ର, କାମେଶ୍ୱର ମିଶ୍ର, ପ୍ରେମାନନ୍ଦ ମିଶ୍ର, ବାମଦେବ ହୋତା, ସୁଧୀର ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ।

# ବିଶ୍ୱ ରକ୍ତଦାତା ଦିବସ ଓ ରକ୍ତଦାନ ଶିବିର



ତାରଭା, ୧୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତକେନ୍ଦ୍ର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ଓ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମେଡିକାଲ୍ ଇନଚାର୍ଜ ଅଧୀକ୍ଷକ ଡାକ୍ତର ଦେବୀପ୍ରାସାଦ ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିବାବେଳେ ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡାକ୍ତର ମାନସ ରଞ୍ଜନ ଦାଶଙ୍କ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସିଡିଏମ୍‌ଓ ଡାକ୍ତର ଉଷାରାଣୀ ଦାଶ, ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ଜନାର୍ଦ୍ଦନ ଖମାରୀ ଯୋଗଦେଇଥିଲେ। ଉମାକାନ୍ତ ନାଗ, ଆଶିଷ ଅଗ୍ରୱାଲ ପ୍ରେରଣା ଯୋଗାଇଥିଲେ। ଶିବିରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସଚେତନତା ଓ ସମ୍ବର୍ଦ୍ଧନା ସଭାକୁ ମନୋରଞ୍ଜନ ତ୍ରିପାଠି ପରିଚାଳନା କରିଥିବାବେଳେ ରକ୍ତ ଭଣ୍ଡାରର ଜଗତ ଦରୱାନ ସହଯୋଗ କରିଥିଲେ। ଡାକ୍ତର ମାନସ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଜଳିନା ପଧାନ, ସଙ୍ଗୀତା ନାଏକ, ଜୁନିଅର୍ ରେଡକ୍ରସ, ୟୁଥ୍ ରେଡ୍ କ୍ରସ୍, ଦୁର୍ଗା ପୂଜା କମିଟି, ରାମଧୂନ୍ କ୍ଲବ୍, ସ୍ୱଚ୍ଛଭାରତ ସଙ୍ଗଠନ, ବୁଢ଼ାରଜା ୟୁଥ୍ ଆସୋସିଏସନ୍, ଟିକ୍ରିପଡ଼ା ଦୁର୍ଗା ପୂଜା କମିଟି, ସୋନପୁର କଲେଜ୍ ଏନ୍ ସି ସି, ଖଣ୍ଡହତା ସିଆ ଅନୁଷ୍ଠାନ, ଲିଟିଲ୍ ଫ୍ଲାୱର୍ ପବ୍ଲିକ ସ୍କୁଲ୍, ଲଛି ପୁର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ କ୍ଷେତ୍ରରେ ସହଯୋଗ ପାଇଁ ଅନେକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ସରଗୀ ଫୁଲର ଅଭାବି ବିକ୍ରି; ଦଲାଲଙ୍କ ଦବଦବା

# ଏମ୍‌ଏସ୍‌ପି ଘୋଷଣା; ବିକ୍ରୟକେନ୍ଦ୍ର ଖୋଲିବାକୁ ଦାବି

ବୀରମହାରାଜପୁର, ୧୪।୬(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ଏବେ ଶାଳ (ସରଗୀ) ଫୁଲ ସଂଗ୍ରହ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ଆଦିବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ହଜାର ହଜାର ପରିବାର ସକାଳୁ ଜଙ୍ଗଲକୁ ଯାଇ ସରଗୀ ଫୁଲ ସଂଗ୍ରହ କରୁଥିବା ବେଳେ, ସରକାରୀ କ୍ରୟ ବ୍ୟବସ୍ଥା ଅଭାବରୁ ସେମାନେ ଅଭାବି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହାର ସୁଯୋଗ ନେଇ ଦଲାଲ ଓ ବେସରକାରୀ ବ୍ୟବସାୟୀମାନେ କିଲୋ ପ୍ରତି ମାତ୍ର ୧୫ରୁ ୨୦ ଟଙ୍କା ଦରରେ ଫୁଲ କିଣି ନେଉଥିବା ଅଭିଯୋଗ ହୋଇଛି। ବୀରମହାରାଜପୁର ବ୍ଲକର ଦୁର୍ଜନଟେଲା, ବହଲପଦର, ଖଣ୍ଡହତା, ସଂଗ୍ରାମପୁର ଓ ପିତାମହୁଲ ପଞ୍ଚାୟତ ସମେତ ୫୦ରୁ ଅଧିକ ଗ୍ରାମର ଲୋକେ ଏବେ ବନଜାତ ଦ୍ରବ୍ୟ ସରଗୀ ଫୁଲ ସଂଗ୍ରହରେ ନିୟୋଜିତ ଅଛନ୍ତି। ସଂଗ୍ରହପରେ ଫୁଲକୁ ଶୁଖାଇ ଶାଳମଞ୍ଜି ସଂଗ୍ରହ କରାଯାଉଥିବାବେଳେ, ଏହାର ସରକାରୀ କ୍ରୟ ବ୍ୟବସ୍ଥା ନଥିବାରୁ ସଂଗ୍ରହକାରୀମାନେ ଉପଯୁକ୍ତ ମୂଲ୍ୟ ପାଇପାରୁ ନାହାନ୍ତି। ଗୁଦୁଗୁଦା ଗ୍ରାମର ରାତ୍ର ନାଏକଙ୍କ କହିବା ଅନୁଯାୟୀ, ସ୍ଥାନୀୟ ଦଲାଲମାନେ କିଲୋ ପ୍ରତି ୧୫ରୁ ୨୦ ଟଙ୍କା ଦରରେ ସରଗୀ ଫୁଲ କିଣି ନେଉଛନ୍ତି। ଅନ୍ୟପକ୍ଷରେ, ସରକାରଙ୍କ ପକ୍ଷରୁ ଏହାର ନ୍ୟୁନତମ ସହାୟକ ମୂଲ୍ୟ (ଏମଏସପି) କେତେ ରହିଛି ଏବଂ କେଉଁ ସଂସ୍ଥା କ୍ରୟ କରିବ, ସେ ସମ୍ପର୍କରେ ଗ୍ରାମାଞ୍ଚଳରେ କୌଣସି ସ୍ୱଷ୍ଟ ସୂଚନା ପହଞ୍ଚିନାହିଁ। ରାଜ୍ୟ ସରକାରଙ୍କ ଅଧୀନସ୍ଥ ଟ୍ରାଇବାଲ ଡେଭେଲପମେଣ୍ଟ କୋ-ଅପରେଟିଭ କର୍ପୋରେସନ ଅଫ ଓଡ଼ିଶା ଲିମିଟେଡ(ଟିଡିସିସିଓଏଲ୍) ମାଧ୍ୟମରେ ବନ ସୁରକ୍ଷା ସମିତି (ଭଏସଏସ), ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପ୍ରାଥମିକ ବନଜାତ କ୍ରୟ କେନ୍ଦ୍ର ଦ୍ୱାରା ସରଗୀ ଫୁଲ କ୍ରୟ କରାଯିବାର ବ୍ୟବସ୍ଥା ଥିଲେ ମଧ୍ୟ, ସୁବର୍ଣ୍ଣପୁର ଜିଲାରେ ଏହାର କାର୍ଯ୍ୟକଳାପ ସମ୍ପର୍କରେ ଲୋକଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି ଭାଲୁଡୁଙ୍ଗୁରୀ ଗ୍ରାମର ସ୍ୱେଚ୍ଛାସେବୀ ଶେଷଦେବ ମାଝୀ କହିଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ, ଟିଡିସିସିଓଏଲ ଓ ଭିଏସ୍‌ଏସ୍ ମାଧ୍ୟମରେ ଶୀଘ୍ର କ୍ରୟକେନ୍ଦ୍ର ଖୋଲାଯାଇ ସରଗୀ ଫୁଲ କ୍ରୟ କରାଗଲେ ସଂଗ୍ରହକାରୀମାନେ ଉପଯୁକ୍ତ ମୂଲ୍ୟରେ ପାଇପାରିବେ। ଏହା ସହିତ ସରକାରଙ୍କ ପକ୍ଷରୁ ଏମ୍‌ଏସ୍‌ପି ଦର ସ୍ୱଷ୍ଟ ଭାବେ ଘୋଷଣା ଓ ପ୍ରଚାର କରିବାକୁ ମଧ୍ୟ ଦାବି ଉଠିଛି। ବଡ଼ବର୍ଡାକଟା ଗ୍ରାମର ଯୁବ ସ୍ୱେଚ୍ଛାସେବୀ ସୁଦାମ ଗାଈଗରିଆ କହିଛନ୍ତି, ବୀରମହାରାଜପୁର ଅଞ୍ଚଳରେ ତୁରନ୍ତ ସରଗୀ ଫୁଲ କ୍ରୟ କେନ୍ଦ୍ର ଖୋଲାଯାଇ ସଂଗ୍ରହକାରୀଙ୍କଠାରୁ ଉଚିତ ମୂଲ୍ୟରେ କ୍ରୟ କରାଯାଉ। ନଚେତ୍ ଦଲାଲମାନେ ଲାଭବାନ ହେଉଥିବା ବେଳେ ପ୍ରକୃତ ହିତାଧିକାରୀ କ୍ଷତିଗ୍ରସ୍ତ ହେବେ। ସରଗୀ ଫୁଲ ସଂଗ୍ରହ ଋତୁ ଚାଲିଥିବା ବେଳେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ସୁବ୍ୟବସ୍ଥିତ କ୍ରୟ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।





